## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର



**ଝାରସୁଗୁଡା ଅଫିସ୍,୨୬।୬:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସ ଅବସରରେ ଝାରସୁଗୁଡା ବିଟିଏମ୍ ସ୍ଥିତି ଭାଜପା କାର୍ଯ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ରମେଶ ଗାନ୍ଧୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି ଶିବରରେ ସମୁଦାୟ ୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ମନ୍‌କିବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କରୋନା ଯୋଦ୍ଧାଙ୍କୁ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଓ ମୁଖ୍ୟ ଅତିଥି ଗାନ୍ଧୀ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କାଉନ୍‌ସିଲର ତରଙ୍ଗ ଦୁବେ, ଦେବବ୍ରତ ପାଣ୍ଡେ, ଭାଜପା ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ପ୍ରେମସେନ୍ ରାୟ୍, ଜିଲା ସମ୍ପାଦକ ସୋନୁ ଥିରାନୀ, ନେତାଜୀ ପଟ୍ଟନାୟକ, ବବଲୁ ସିଂହ, ସୁବ୍ରତ ତ୍ରିପାଠୀ, ପବନ ଥିରାନୀ, କ୍ରିଷ୍ଣା ମୁରାରୀ ସିଂହ, ରାଧେଶ୍ୟାମ ପ୍ରଧାନ, ଆଲୋକ ସରନା, ରାଜେଶ ଦାସ ପ୍ରମୁଖ କର୍ମକର୍ତା ଉପସ୍ଥିତ ଥିଲେ ।

### ସୁନ୍ଦରଗଡ଼ ପୋଲିସର ନିଶାମୁକ୍ତ ପକ୍ଷ ପାଳନ

**କୁଆଁରମୁଣ୍ଡା,୨୬।୬(ଡି.ଏନ.ଏ.):** ନିଶା ଏକ ସାମାଜିକ ବ୍ୟାଧି । ସୁସ୍ଥ ସମାଜ ଗଠନ ନିମନ୍ତେ ନିଶା ନିବାରଣ ଅପରିହାର୍ଯ୍ୟ । ନିଜ ଅଞ୍ଚଳରେ କିଭଳି ନିଶା ନିବାରଣ କରାଯାଇପାରିବ ସେ ନେଇ ପୋଲିସ ଓ ଜନପ୍ରତିନିଧିମାନେ ସମ୍ମିଳିତ ଉଦ୍ୟମ କରିବା ଆବଶ୍ୟକ ବୋଲି ରବିବାର ସୁନ୍ଦରଗଡ଼ ପୋଲିସ ପକ୍ଷରୁ ବୀରମିତ୍ରପୁର ଥାନାରେ ଆୟୋଜିତ ନିଶାମୁକ୍ତି ପକ୍ଷ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ନିଜ ବକ୍ତବ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, ବରିଷ୍ଠ ବିଜେଡ଼ି ନେତା ତଥା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁନିତା ଅହିର, ବୀରମିତ୍ରପୁର ପୌରପାଳିକା ଉପାଧ୍ୟକ୍ଷା ନିବେଦିତା ବାଗେ ପ୍ରମୁଖ ମଞ୍ଚାସୀନ ରହି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେହିପରି ନିଶାମୁକ୍ତି ଉପରେ ଚିତ୍ରାଙ୍କନ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମଟି ସୁନ୍ଦରଗଡ଼ ପୋଲିସ ପକ୍ଷରୁ ଜୁନ ୧୨ରୁ ଆରମ୍ଭ ହୋଇଥିଲା। ବୀରମିତ୍ରପୁର ଆଇଆଇସି ମନୋଜ ମଞ୍ଜରୀ ନାଏକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଗୁରୁବାରି ହେମ୍ବ୍ରମ ସଭାପତିତ୍ୱ କରିଥିଲେ।

# ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କ ନାଁରେ ହତ୍ୟା ଅଭିଯୋଗ

**ଆନନ୍ଦ ମୃତ୍ୟୁ ଘଟଣା**

- ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ ମୃତକଙ୍କ ମା' ବାପା

ରାଉରକେଲା ଅଫିସ,୨୬।୬

ଗତ ଫେବୃଆରୀ ୨୮ ତାରିଖରେ ଭୁବନେଶ୍ୱର ଇନଫୋସିସ୍ ଥାନା ଅଧୀନ ଫ୍ଲାଟ ନଂ-୪୦୧ରେ ରାଉରକେଲାର ଯୁବକ ଆନନ୍ଦ ଟପ୍ପୋଙ୍କ ମୃତ୍ୟୁ ଘଟଣାର ମୋଡ଼ ବଦଳିଛି। ଆନନ୍ଦଙ୍କୁ ହକି ତାରକା ବୀରେନ୍ଦ୍ର ଲାକ୍ରା ହତ୍ୟା କରିଥିବା ମୃତକଙ୍କ ମା' ବାପା ରବିବାର ରାଉରକେଲାର ଏକ ଘରୋଇ ହୋଟେଲ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ମୃତ ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋଙ୍କ ଅଭିଯୋଗ ଅନୁସାରେ, ରାଉରକେଲା ସେକ୍ଟର-୧୮ ସ୍ଥିତ କ୍ୱାର୍ଟର୍ସ ନଂ. ଏ-୫୫ରେ ବନ୍ଧନା ସପରିବାର ରୁହନ୍ତି। ବିରେନ୍ଦ୍ର ଲାକ୍ରାଙ୍କ ସହ ତାଙ୍କର ପିଲାଦିନରୁ ପାରିବାରିକ ସମ୍ପର୍କ ରହିଛି। ଆନନ୍ଦ ଓ ବିରେନ୍ଦ୍ର ପିଲାଦିନର ସାଙ୍ଗ। ଗତ କିଛି ବର୍ଷ ତଳେ ଆନନ୍ଦ ଭୁବନେଶ୍ୱରରେ ରହି ବିଟେକ୍ ପାଠ ପଢୁଥିଲେ। ଗତ ଫେବୃଆରୀ ୧୬ରେ ତାଙ୍କର ବିବାହ ହୋଇଥିଲା। ତାଙ୍କ ସ୍ତ୍ରୀ ଝାରସୁଗୁଡା ଜିଲା କୋଲାବିରା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଚାକିରି କରୁଥିବାରୁ ଆନନ୍ଦ ଫେବୃୟାରୀ ୨୭ରେ ସେଠାକୁ ଯାଇଥିଲେ। ସେଠାରୁ ଆନନ୍ଦ ଓ ତାଙ୍କ ଦୁଇ ସାଙ୍ଗ ଚିନୁ ସିଂ ଓ ସୁନନ୍ଦ ତିର୍କୀ ଭୁବନେଶ୍ୱର ଯାଇଥିଲେ। ଚିନୁ ଓ ସୁନନ୍ଦ ଆନନ୍ଦଙ୍କୁ ଭୁବନେଶ୍ୱର ଇନ୍‌ଫୋସିସ୍ ଆୟୁଷ ରୋଡିୟମ୍ ଫ୍ଲାଟ୍ ନଂ-୪୦୧ରେ ଛାଡି ସେଠାରୁ ପଳାଇ ଯାଇଥିଲେ। ଉକ୍ତ ଫ୍ଲାଟ୍‌ରେ ପୂର୍ବରୁ ବୀରେନ୍ଦ୍ର ଲାକ୍ରା ଓ ମଞ୍ଜିତ ଟପ୍ପୋ ରହୁଥିଲେ। ଫେବୃଆରୀ ୨୮ ତାରିଖ ଅପରାହ୍ନ ସାଢ଼େ ୧୨ଟାରେ ବୀରେନ୍ଦ୍ର ଆନନ୍ଦଙ୍କ ବାପା ବନ୍ଧନଙ୍କୁ ଫୋନ୍ କରି ଆନନ୍ଦ ଅଚେତ ହୋଇପଡିଥିବା କହିଥିଲେ। ବନ୍ଧନ ସନ୍ଧ୍ୟାରେ କାର୍ ଯୋଗେ ଭୁବନେଶ୍ୱରରେ ପହଞ୍ଚି କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ପୁଅଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏ ନେଇ ବନ୍ଧନ ବୀରେନ୍ଦ୍ରଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଅନ୍ୟପଟେ ମୃତ ଆନନ୍ଦଙ୍କ ବେକରେ ଦୁଇଟି କଳାଦାଗ ଥିବାରୁ ସେ ଇନ୍‌ଫୋସିସ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ସେଠାରେ ଥାନାଧିକାରୀ ଏଫ୍‌ଆଇଆର୍ ନ ରଖି କେବଳ ଷ୍ଟେଶନ ଡାଏରୀ କରିଥିବା ବନ୍ଧନ ଅଭିଯୋଗ କରିଛନ୍ତି। ପୋଲିସ ପାଖରୁ କୌଣସି ସହଯୋଗ ନ ମିଳିବାରୁ ସେ ରବିବାର ଏକ ଖବରଦାତା ସମ୍ମିଳନୀରେ ଏକଥା ପ୍ରକାଶ କରିଥିବା କହିଛନ୍ତି। ବୀରେନ୍ଦ୍ର ଲାକ୍ରାଙ୍କର ବର୍ତ୍ତମାନ ଫୋନ ସୁଇଚ୍ ଅଫ୍ ଥିବା ଓ ତାଙ୍କ ସହ କୌଣସି ସମ୍ପର୍କ ରଖି ନ ଥିବା ବନ୍ଧନ ଅଭିଯୋଗ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମୃତକଙ୍କ ମା' ଆଶ୍ରିତା ଟପ୍ପୋ, ଜିନ୍ଦା ଟପ୍ପୋ, ସାଲୁ ଟପ୍ପୋ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବୀରେନ୍ଦ୍ର ଲାକ୍ରାଙ୍କ ମୋବାଇଲ ନମ୍ବର ୭୦୭୭୬୮୧୩୧୮ରେ ଯୋଗାଯୋଗ କରାଯାଇଥିଲା। ସେ ଫୋନ ରିସିଭ ନ କରିବାରୁ ତାଙ୍କ ମତାମତ ନେବା ସମ୍ଭବ ହୋଇନାହିଁ।

# ଅଟକ ଦୁର୍ବୃତ୍ତଙ୍କୁ କୋର୍ଟଚାଲାଣ

**ରାଉରକେଲା ଏନ୍‌କାଉଣ୍ଟର ଘଟଣା**

ରାଉରକେଲା ଅଫିସ,୨୬।୬

ରାଉରକେଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୁଣ୍ଡାସାହି ଛକରେ ଏନ୍‌କାଉଣ୍ଟର ଘଟଣାରେ ଅଟକ ଥିବା ଦୁର୍ବୃତ୍ତ ଟୁଟୁ ଇନ୍ଧୁଆର(୨୮)ଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଏହାପରେ ଅଧିକ ତଦନ୍ତ ପାଇଁ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଛି। ତେବେ ଏନ୍‌କାଉଣ୍ଟର ହୋଇଥିବା ଅନ୍ୟତମ ଅଭିଯୁକ୍ତ ବିଶ୍ୱଜିତ ସାହୁ(୨୪) ଆରଜିଏଚ୍‌ରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ୧ ପ୍ଲାଟୁନ ଫୋର୍ସ ଜଗି ରହିଛନ୍ତି।

ସୂଚନାଯୋଗ୍ୟ, ଶନିବାର ସକାଳ ସାଢ଼େ ୧୦ଟାରେ ଝାଡ଼ଖଣ୍ଡ ଗୁମଲା ଜିଲାର ବସିଆ ଗ୍ରାମର ବିଶ୍ୱଜିତ ଓ ଟୁଟୁ ଏକ କାରରେ ମାରଣାସ୍ତ୍ର ଧରି ରାଉରକେଲାକୁ ଆସୁଥିବା ବିଶେଷ ସୂତ୍ରରୁ ଜାଣିପାରି ପୋଲିସ ଉକ୍ତ ଗାଡ଼ିକୁ ପିଛା କରିଥିଲା। ଏହି ସମୟରେ କାର୍‌ରେ ଥିବା ଟୁଟୁ ଓ ବିଶ୍ୱଜିତ ଝାଡ଼ଖଣ୍ଡ ସୀମାନ୍ତ ରେଲାହାଟୁ ଜଙ୍ଗଲକୁ ଫେରାର ହେବା ପାଇଁ ଚେଷ୍ଟା କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇବା ପାଇଁ ଉଦ୍ୟମ କରୁଥିବା ବେଳେ ବିଶ୍ୱଜିତ ପୋଲିସ ଉପରକୁ ଗୁଳି ଚଳାଇଥିଲା। ପୋଲିସ ପାଲଟା ଗୁଳି ଚଳାଇବାରୁ ବିଶ୍ୱଜିତଙ୍କ ବାମ ଗୋଡ଼ରେ ଗୁଳି ବାଜିଥିଲା। ପରେ ପୋଲିସ ଉଭୟ ଅଭିଯୁକ୍ତଙ୍କୁ କାବୁ କରିବା ସହ ଏକେ-୪୭ ରାଇଫଲ ଓ ଗୁଳି ଜବତ କରିଥିଲା। ତେବେ ଗିରଫ ଅଭିଯୁକ୍ତଙ୍କ ହାତରେ କିଭଳି ଏକେ-୪୭ ରାଇଫଲ ଭଳି ମାରଣାସ୍ତ୍ର ଆସିଲା ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପାଖାପାଖି ୩୦ଜଣ ସମ୍ପୃକ୍ତ ଥିବାରୁ ପୋଲିସ ସେମାନଙ୍କ ତଥ୍ୟ ସଂଗ୍ରହ କରିଛି ଏବଂ ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷେ ଝାଡ଼ଖଣ୍ଡ ସୀମାନ୍ତରେ ପ୍ରାୟ ୮ଟି ଗୋଷ୍ଠୀ ରହିଛି। ଏହି ଗୋଷ୍ଠୀର ସଦସ୍ୟମାନେ ରାଇଫଲ ଚାଲାଣ ସହ ବଡ ବଡ ବ୍ୟବସାୟୀଙ୍କୁ ଟାର୍ଗେଟ କରୁଥିବା ଆଲୋଚନା ହେଉଛି। ତେଣୁ ଗିରଫ ଅଭିଯୁକ୍ତ ସେଭଳି କିଛି ଯୋଜନା କରି ରାଉରକେଲା ଆସିଥିବା ମଧ୍ୟ କୁହାଯାଉଛି।

**OFFICE OF THE DISTRICT CONSUMER DISPUTES REDRESSAL COMMISSION, ANGUL**
No.263(3), Date:4.6.2022
**Empanelment for the post of Mediator in the Office of District Consumer Disputes Redressal Commission, Angul**
"Applicant desirous to be empanelled as Mediator may download application form from State C.D.R. Commission website www.scdrc.odisha.gov.in.
Sd./- President
D.C.D.R.C., Angul

# ଦ୍ୱାରଶୁଣି ଘାଟିରେ ବୁଲିଲା ଦନ୍ତା

**୨ ବସ୍ ଉପରେ ଆକ୍ରମଣ କଲା**

ବିଶୋଇ/ବାଙ୍ଗିରିପୋଷି, ୨୬।୬(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଦ୍ୱାରଶୁଣି ଘାଟିସ୍ଥିତ ୪୯ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି। ଦନ୍ତାଟି ଘାଟିରେ ବୁଲିବା ସହ ଦୁଇଟି ବସ୍ ଉପରେ ଆକ୍ରମଣ କରିଛି। ବାରିପଦାଠାରୁ ବିଶୋଇ ଅଭିମୁଖେ ଆସୁଥିବା ୨ଟି ଘରୋଇ ବସ୍ 'ଦୁଲହାନ' ଓ 'ଝୁନା' ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିଛି। ତେବେ ଏଥିରେ କୌଣସି ବସ୍ ଯାତ୍ରୀଙ୍କର କ୍ଷୟକ୍ଷତି ଘଟିନାହିଁ। ହାତୀଟି ବସ୍ ସହ ଘାଟି ରାସ୍ତା ଦେଇ ଯାଉଥିବା ଅନେକ ମାଲବାହୀ ଟ୍ରକ୍ ଓ ଚାରିଚକିଆ ଯାନକୁ ଯିବାକୁ ଦେଇ ନ ଥିଲା। ଫଳରେ ଘାଟି ରାସ୍ତାରେ କିଛି ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ନିଶ୍ଚିନ୍ତା ଓ ରାଜାବସା ସେକ୍ସନର ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଉକ୍ତ ଦନ୍ତା ପଣ୍ଡାଶୋଳ ଗ୍ରାମ ସନ୍ନିକଟ ଜଙ୍ଗଲରେ ଥିବା ଅନ୍ୟ ହାତୀପଲ ସହ ମିଶି ଯାଇଛି। ଦନ୍ତାଟି ପଳାଇଯାଇଥିଲେ ସୁଦ୍ଧା ଘାଟି ମଧ୍ୟରେ ଆହୁରି ହାତୀ ଥିବା ସନ୍ଦେହ କରାଯାଉଛି। ଏଣୁ ଏହି ରାସ୍ତା ଦେଇ ଯାଉଥିବା ଗାଡ଼ି ଚାଳକଙ୍କୁ ସତର୍କତା ଅବଲମ୍ବନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।



ଘାଟି ରାସ୍ତାରେ ବୁଲୁଥିବା ହାତୀ।

ସୂଚନାଥାଉକି, ଗତ କିଛିଦିନ ପୂର୍ବରୁ ସାରସକଣା ବ୍ଲକ ଅଞ୍ଚଳକୁ ଝାଡ଼ଖଣ୍ଡୀ ହାତୀପଲ ଆସି ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଗ୍ରାମରେ ଉପଦ୍ରବ ଚଳାଇଥିଲେ। ଏଥିରେ ବହୁ ଧନଜୀବନ କ୍ଷତି ଘଟିଛି। ତେବେ ବନ ବିଭାଗ ଓ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରହିଛି। ଏଥିରୁ କେତୋଟି ହାତୀ ଦ୍ୱାରଶୁଣି ଘାଟି ପାଦଦେଶରେ ଥିବା ବାଙ୍ଗିରିପୋଷି ସନ୍ନିକଟ ଅଞ୍ଚଳକୁ ପଳାଇ ଆସିଥିଲେ। ଦୁଇଦିନ ଧରି ବାଙ୍ଗିରିପୋଷି ଅଞ୍ଚଳରେ ଏହି ହାତୀପଲ ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଥିବା ବେଳେ ଏକ ଦନ୍ତା ଘାଟି ରାସ୍ତାରେ ବୁଲି ଆତଙ୍କ ଖେଳାଇଥିଲା।

# ନିଶା ମୁକ୍ତି ପକ୍ଷ: ଚିତ୍ରାଙ୍କନ ପ୍ରତିଯୋଗିତା

ବଡ଼ଗାଁ, ୨୬।୬(ଡି.ଏନ.ଏ.)

ପିଲାମାନେ ନିଜ ଘର ଲୋକଙ୍କୁ ବୁଝାଇ ନିଶା ସେବନରୁ ନିବୃତ୍ତ କରିପାରିବେ ବୋଲି ରବିବାର ସୁନ୍ଦରଗଡ ଜିଲା ବଡ଼ଗାଁ ଥାନାରେ ଆୟୋଜିତ ନିଶାରୁ ମୁକ୍ତି ପକ୍ଷ ପାଳନରେ ଯୋଗଦେଇଥିବା ସୁନ୍ଦରଗଡ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର କୁମାର୍ ମାଝି ମତବ୍ୟକ୍ତ କରିଛନ୍ତି। ନିଶାରୁ ମୁକ୍ତି ପକ୍ଷ ପାଳନ ଅବସରରେ ଥାନାରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଙ୍କ ମଧ୍ୟରେ, 'ସେ ଇଏସ ଟୁ ଲାଇଫ, ନୋ ଟୁ ଡ୍ରଗସ' ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ୬୭ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିନିୟର୍ ଗ୍ରୁପରେ ବଡ଼ଗାଁ ହାଇସ୍କୁଲର ଅର୍ଜୁନ ଡୁଙ୍ଗଡୁଙ୍ଗ ପ୍ରଥମ ସ୍ଥାନ ପାଇଥିଲାବେଳେ ବିବେକ ଖଡିଆ ଦ୍ୱିତୀୟ, ଭବାନୀ ଶେଖର ଗୌଡ ତୃତୀୟ ସ୍ଥାନ ପାଇଥିଲେ। ଜୁନିୟର ଗ୍ରୁପରେ ଭୋଇପାଲି ଆଦର୍ଶ ବିଦ୍ୟାଳୟର ଶୈଳେଶ ଦାସ ପ୍ରଥମ ସ୍ଥାନ, କୁତ୍ରା କେନ୍ଦ୍ରୀୟ ବିଦ୍ୟାଳୟର ରୋନବରଜ ଗହିର ଦ୍ୱିତୀୟ, ଭୋଇପାଲି ଆଦର୍ଶ ବିଦ୍ୟାଳୟର ଲଗ୍ନଜିତ ହୋତା ତୃତୀୟ ସ୍ଥାନ ପାଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସବଇନ୍ସପେକ୍ଟର ମିଲି ସାହୁ ଛାତ୍ରୀଛାତ୍ରଙ୍କୁ ନିଶା ସେବନର କୁପରିଣାମ ଉପରେ ବୁଝାଇଥିଲେ। ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମହେଶ୍ୱର ମଲ୍ଲିକ ପୋଲିସର ଏହା ଏକ ଅଭିନବ ଉପାୟରେ ସଚେତନତା କାର୍ଯ୍ୟକ୍ରମ ବୋଲି କହିଥିଲେ। ଆଲୋଚନା ପରେ ଅତିରିକ୍ତ ଏସ୍‌ପି ମାଝି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରୋବେସନର ଡିଏସପି ବିଭୂତି ଭୂଷଣ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷକ ରବିନାରାୟଣ ଗହିର, ସତ୍ୟବ୍ରତ ନାଏକ, ରାଜକୁମାର ମାଝୀ, ଶିକ୍ଷୟିତ୍ରୀ ରେଣୁକା ମହାରଣା, ତୃପ୍ତିଲତା ବେହେରା, ଗୀତାଞ୍ଜଳି ମହାନନ୍ଦ ଚୟନକର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ।

# ଅଖଣ୍ଡ ଭୂୟାଁ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ରାଷ୍ଟ୍ରପତି ପ୍ରାର୍ଥୀନୀ ଦ୍ରୌପଦୀ ମୁର୍ମୁଙ୍କୁ ନିଃସର୍ତ୍ତ ସମର୍ଥନ ଜଣାଇବା ପ୍ରସଙ୍ଗ**

ସୁନ୍ଦରଗଡ଼,୨୬।୬(ଡି.ଏନ.ଏ)

ଦେଶର ରାଷ୍ଟ୍ରପତି ପଦବୀ ପାଇଁ ଓଡିଶାର ଆଦିବାସୀ ଝିଅ ତଥା ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ନିଃସର୍ତ୍ତ ସମର୍ଥନକୁ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସଭା ସ୍ୱାଗତ ଜଣାଇଛି। ରବିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସଭାର ସଭାପତି, ରାଜ୍ୟ ବିଜୁଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି ଦଳମତ ଊର୍ଦ୍ଧ୍ୱରେ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀଙ୍କ ପ୍ରତି ଏହି ସମର୍ଥନ ଆଦିବାସୀ ଓ ମହିଳାଙ୍କ ପ୍ରତି ତାଙ୍କର ଭଲ ପାଇବା ଓ ସମ୍ମାନର ପ୍ରମାଣ ବୋଲି କହିଛନ୍ତି। ଏଥିପାଇଁ ସେ ଅଖଣ୍ଡ ଭୂୟାଁ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବାସହ ରାଷ୍ଟ୍ରପତି ପ୍ରାର୍ଥୀନୀ ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଦାମୋଦର ମାଝୀ, ଡ. ଶଶୀଭୂଷଣ ନାଏକ, ବାଲେଶ୍ୱର ପ୍ରଧାନ, ଇ.ଲମ୍ବୋଦର ପ୍ରଧାନ, ଇ.ରାଧେଶ୍ୟାମ କାଲୋ, ସୁରେନ୍ଦ୍ର ଭିତିରିଆ, ବାଲିଶଙ୍କରା ବ୍ଲକର ପୂର୍ବତନ ଅଧ୍ୟକ୍ଷା ତ୍ରିବେଣୀ ମାଝିଙ୍କ ସମେତ ଭୂୟାଁ ଜନଜାତିର ବହୁ ଛାମୁଆ ନେତା ଉପସ୍ଥିତ ଥିଲେ।

# ରଥଯାତ୍ରା ପରିଚାଳନା ନେଇ ଶାନ୍ତି କମିଟି ବୈଠକ



ବୈଠକରେ ଉପସ୍ଥିତ ଥିବା ଅଧିକାରୀ, ଜନପ୍ରତିନିଧି ଓ କମିଟି କର୍ମକର୍ତ୍ତା।

ଝାରସୁଗୁଡା ଅଫିସ୍,୨୬।୬

ଆଗକୁ ରଥଯାତ୍ରା ଆସୁଥିବାବେଳେ ଏହାର ସୁପରିଚାଳନା ପାଇଁ ଲଖନପୁର ଥାନା ପରିସରରେ ରବିବାର ଆଇଆଇସି ଦୁଃଖିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଞ୍ଚଳର ବିଭିନ୍ନ ରଥଯାତ୍ରା କମିଟି କର୍ମକର୍ତ୍ତା, ଆମ ପୋଲିସ ସମିତିର ସଦସ୍ୟ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ବିଭିନ୍ନ ଗ୍ରାମରେ ହେଉଥିବା ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳା ସହ ପରିଚାଳିତ ହେବ ଏନେଇ ଉକ୍ତ ଗ୍ରାମବାସୀଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଛି। ଏଥିରେ ୧୪ଗ୍ରାମରୁ ସଭାପତି ଓ ସମ୍ପାଦକ ମନୋନୀତ କରାଯାଇଛି। ଏହି ଶାନ୍ତି କମିଟି ବୈଠକରେ ଆଇଆଇସି ସାହୁ, ଏସ୍‌ଆଇ ଗଣେଶ ରାମ ସା, କୁଶ୍ରାଲୋଇ ସରପଞ୍ଚ ରଘୁମଣି ପ୍ରଧାନ, ସଞ୍ଜୀବ ସାହୁ, ଟଙ୍କଧର ପ୍ରଧାନ, ଅମିନ ଖାନ୍, ଅଲେଖରାମ ସାହୁ, ନରୋତ୍ତମ ପ୍ରଧାନ ଓ ପ୍ରଫୁଲ ସା ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍‌ଟିଓ କାର୍ଯ୍ୟାଳୟ ପକ୍ଷରୁ ରକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଝାରସୁଗୁଡା ଅଫିସ୍,୨୬।୬

ଓଡିଶା ରକ୍ଷକ ପରିବାର ଆହ୍ୱାନକ୍ରମେ ଝାରସୁଗୁଡା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ବେଲପାହାଡସ୍ଥିତ ଜୁବୁଲ୍‌ହଲ୍ ପରିସରରେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ରକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିଆର୍‌ଏଲ୍ କ୍ରୋସାକୀ କାରଖାନାର ଅଧିକାରୀ ନିରଞ୍ଜନ ଦାସ,ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ,ଏମ୍‌ଭିଆଇ ଲୋକନାଥ ମେହେର, ଅତିରିକ୍ତ ଆର୍‌ଟିଓ ସ୍ୱାହା ହେମ୍ବ୍ରମ୍, ଓରିଏଣ୍ଟ ଥାନା ଆଇଆଇସି କଲ୍ୟାଣୀ ବେହେରା, ଏମ୍‌ଏସ୍‌ଟିଏ ଟ୍ରକ୍ ସଂଘ ସଭାପତି ଅଖୀଳ ସ୍ୱାଇଁ, ସମ୍ପାଦକ ସନ୍ତୋଷ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ପ୍ରଶିକ୍ଷକ ଭାବେ ଦିଲୀପ ସାହୁ, ଅନୁରାଧା ପ୍ରସାଦ, ପ୍ରଭାରାଣୀ ଚାନ୍ଦ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀ ଗ୍ରାମ, ଢାବା, ଦୋକାନ, ହୋଟେଲ, ଗ୍ୟାରେଜ୍ ଆଦିରୁ ସମୁଦାୟ ୪୬ଜଣ ସଦସ୍ୟ ଯୋଗଦେଇ ସଡକ ଦୁର୍ଘଟଣା ସମୟରେ କିଭଳି ତୁରନ୍ତ ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇବେ ଏସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଉଦ୍ଧାରକାରୀଙ୍କୁ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ୨ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ ପାଇଁ ଘୋଷଣା କରାଯାଇଛି।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଓ ସଦସ୍ୟମାନେ।

# ନିଶା ସେବନ ଅଭ୍ୟାସ ସ୍ୱାସ୍ଥ୍ୟର କ୍ଷତି ଘଟାଏ

**ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ**

ସମ୍ବଲପୁର,୨୬।୬ (ବ୍ୟୁରୋ)

ନିଶା ସେବନ ଅଭ୍ୟାସ ସ୍ୱାସ୍ଥ୍ୟର କ୍ଷତି ଘଟାଏ । ଏହା ଦ୍ୱାରା ପରିବାର ପରିବାର ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହୁଏ । ମନରେ ଅନେକ ଦୁଶ୍ଚିନ୍ତା ଆସିବା ସାଙ୍ଗକୁ ଦୁର୍ଘଟଣା ଘଟାଏ । ଏପରି ଅନେକ କୁପ୍ରଭାବ ରହିଛି । ତେଣୁ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଚୋରା ଚାଲାଣ ଓ ଅବୈଧ ଚାଲାଣ ବିରୋଧ ଦିବସକୁ ସୀମିତ ନ ରଖି ଏହାର କାର୍ଯ୍ୟକାରିତା ଦିଗ ପ୍ରତି ଅଧିକ ଯତ୍ନଶୀଳ ହେବା ଉଚିତ୍ । ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ଚୋରାଚାଲାଣ ଓ ଅବୈଧ ଚାଲାଣ ବିରୋଧ ଦିବସରେ ଅତିଥିମାନେ ଏହା କହିଛନ୍ତି । ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟକ୍ତିଗତ ଅନୁଭବ ଓ ସମାଜ ଗଠନ ଦିଗରେ ନିଶାମୁକ୍ତିର ଆବଶ୍ୟକତା ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ନିଶା ସେବନ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏଥିପାଇଁ ନିଜେ ସଜାଗ ହେବା ସହ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପଡିବ । ବର୍ତ୍ତମାନ ଯୁବ ପିଢୀ ନିଶା କାରବାରରେ ଲିପ୍ତ ରହୁଛନ୍ତି । ଅଭିଭାବକମାନେ ସେଥିପ୍ରତି ସଜାଗ ରହି ନିଜ ପିଲାଙ୍କୁ ଆୟତ୍ତ କରିବାକୁ ପଡିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟର ମନୋବିଶେଷଜ୍ଞ ଡା.ଚିତ୍ତରଞ୍ଜନ ମହାପାତ୍ର, ଅବକାରୀ ନିରୀକ୍ଷକ ସମ୍ବଲପୁର ବିପ୍ର ଚରଣ ମଣ୍ଡଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବିଭାଗର ଜଗବନ୍ଧୁ ବେହେରା, ବ୍ରହ୍ମକୁମାରୀ ଇଶ୍ୱରୀୟ ବିଦ୍ୟାଳୟର ବ୍ରହ୍ମକୁମାରୀ ଆରତୀ ଓ ଜିଲା ସାମାଜିକ ସୁରକ୍ଷା ବିଭାଗର ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସକାଳେ ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ବିଭାଗ ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଏକ ସଚେତନତା ରାଲିକୁ ଅତିରିକ୍ତ ଜିଲାପାଳ ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମିନାରାଣୀ ମଣ୍ଡଳ, ରେଡକ୍ରସ ସଂପାଦକ ଜୟ ଜର୍ଜ ଉପସ୍ଥିତ ଥିଲେ। ରାଲି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରି ତପସ୍ୱିନୀ ପ୍ରେକ୍ଷାଳୟଠାରେ ପହଞ୍ଚି ଥିଲା । ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ, ସ୍କୁଲ ଛାତ୍ର, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ବ୍ରହ୍ମକୁମାରୀ ଇଶ୍ୱରୀୟ ବିଦ୍ୟାଳୟର ଭଉଣୀ ଭାଇ, ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ ଥିଲେ। ସ୍ଥାନୀୟ ପୋଲିସ ସହାୟତାରେ ଶାନ୍ତିଶୃଙ୍ଖଳାର ସହ ରାଲି ଅନୁଷ୍ଠିତ ହୋଇଥିଲା ।




ସଚେତନତା ରାଲିକୁ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

## ସଂକ୍ଷେପରେ

### ମୃତ ହାତୀ ପାଇଁ ହେବ ବିଷ୍ଣୁ ସହସ୍ର ନାମଯଜ୍ଞ

**ପଡିଆବାହାଲ,୨୬।୬(ଡି.ଏନ.ଏ.):** ଗତ ୨୧ ତାରିଖରେ ସାପଲହରାଠାରେ ମୃତ୍ୟୁ ବରଣ କରିଥିବା ହାତୀ ଆତ୍ମାର ସଦ୍‌ଗତି କାମନା କରି ଆସନ୍ତା ୨ ତାରିଖ ଦିନ ବିଷ୍ଣୁ ସହସ୍ର ନାମଯଜ୍ଞ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ହାତୀ ପୋଖରୀକୁ ପାଣି ପିଇବାକୁ ଆସି ପଙ୍କରେ ଫସି ମୃତ୍ୟୁବରଣ କରିଥିଲା। ହାତୀର ଯନ୍ତ୍ରଣା ଓ ଅସହାୟତା ଦେଖଣାହାରୀଙ୍କୁ ବି କନ୍ଦାଇ ପକାଇଥିଲା। ପୋଖରୀ ବିଶୋଧନ ପରେ ବି ଅଞ୍ଚଳବାସୀଙ୍କ ମନ ବୁଝି ନ ଥିଲା। ରବିବାର ସାମାଜିକ କର୍ମୀ ଅଶୋକ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ୱାର୍ଡ ମେମ୍ବର, ବନ କର୍ମଚାରୀ ମମତା ଲୁହା, ଆକାଶ ମିର୍ଦ୍ଧା, ପଣ୍ଡିତ ପ୍ରକାଶ ମିଶ୍ର, ଶୈଳ ସୁକାନ୍ତ ଦାସ, ବିଦ୍ୟାଭୂଷଣ ନାୟକ, ସାପଲହରା ଗ୍ରାମବାସୀ, ଅଲେଖ ପଧାନ, ରାମପ୍ରସାଦ ମିର୍ଦ୍ଧା ଓ ବନବିଭାଗ କର୍ମଚାରୀ ଏକ ସାଧାରଣ ସଭା କରି ମୃତ ହାତୀର ସଦ୍‌ଗତି କାମନା ସହ ପୋଖରୀର ସଂସ୍କାର ପାଇଁ ବିଷ୍ଣୁ ସହସ୍ର ନାମଯଜ୍ଞ କରିବାକୁ ସ୍ଥିର କରିଛନ୍ତି।

### ପନିପରିବା ଦର ଆକାଶ ଛୁଆଁ: ଖାଉଟି ଚିନ୍ତାରେ

**ଜମନକିରା,୨୬।୬(ଡି.ଏନ.ଏ.):** ଗତ କିଛି ଦିନ ହେବ ଜମନକିରା ବ୍ଲକର ବିଭିନ୍ନ ସାପ୍ତାହିକ ବଜାରରେ ପନିପରିବା ଦର ଆକାଶଛୁଆଁ ହୋଇଛି। ଦୈନନ୍ଦିନ ଜୀବନରେ ବିଭିନ୍ନ ପନିପରିବାର ଆବଶ୍ୟକତା ଅଧିକ ରହିଥିବା ବେଳେ ଦରବୃଦ୍ଧି ଖାଉଟିମାନଙ୍କୁ ଚିନ୍ତାରେ ପକାଇଛି। ଗ୍ରାମାଞ୍ଚଳର ଖଟିଖିଆ ଲୋକଙ୍କ ପାଇଁ ଅଧିକ ଦରରେ ପରିବା କିଣିବା କଷ୍ଟକର ହୋଇପଡିଛି। ଜମନକିରା ବ୍ଲକ ଭୋଜପୁର ପଞ୍ଚାୟତ ରେଙ୍ଗାଲବେଡା ଗାଁର ରବିବାର ସାପ୍ତାହିକ ବଜାରରେ ପୋଟଳ କେଜି ପ୍ରତି ୪୦, ଭେଣ୍ଡି ୪୦, ଟମାଟୋ ୫୦, କୁନ୍ଦୁରି ୬୦, ଆଳୁ ୨୦ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ପରିବା ଦର ଆହୁରି ବୃଦ୍ଧି ପାଇପାରେ। ଦରବୃଦ୍ଧି ନିୟନ୍ତ୍ରଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଲୁହାଛଡ଼ ଚୋରି ଘଟଣା: ଅନ୍ୟ ୨ ଜଣଙ୍କୁ କୋର୍ଟ ଚାଲାଣ

**ଜମନକିରା,୨୫।୬(ଡି.ଏନ.ଏ.):** ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ନୂଆବୁର୍ଡା ଗାଁରୁ ଲୁହାଛଡ ଚୋରି ଘଟଣାରେ ଅନ୍ୟ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଦୁଇଜଣ ହେଲେ ନୂଆବୁର୍ଡା ଗାଁର ଜଗଦୀଶ ସାହୁ (୩୫) ଓ ପ୍ରଧାନପାଲି ଗାଁର ପ୍ରେମାନନ୍ଦ ନାୟକ (୩୮)। ପ୍ରକାଶ ଯେ, ଉକ୍ତ ଗାଁରେ ପାଣି ଟାଙ୍କି କାମ ଚାଲିଥିବା ସାଇଡ୍‌ରୁ ଗତ ମେ ୨୯ ତାରିଖ ଦିନ ଏକ ପିକ୍‌ଅପ୍ ଭ୍ୟାନ (ଓ ଆର ୧୫ ଏମ ୪୨୦୭)ରେ ଲୁହାଛଡ଼ ଚୋରି ହେଇଥିବା ନେଇ କମ୍ପାନୀର ଇଞ୍ଜିନିୟର ସୌମ୍ୟ ପ୍ରକାଶ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରଜୁ କରି ତଦନ୍ତ ଚଳାଇଥିଲା। ପୂର୍ବରୁ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ହେଲେ ପ୍ରଧାନପାଲି ଗାଁର ସନ୍ତିଏଲ କେରକେଟା, ନୂଆବୁର୍ଡା ଗାଁର ଗୌତମ ପ୍ରଧାନ ଓ କୈଳାସ ସାହୁ।

### ନିଶା ନିବାରଣ ସଚେତନତା କର୍ମଶାଳା

**କୁଚିଣ୍ଡା,୨୬।୬(ଡି.ଏନ.ଏ.):** ବାମରା ବ୍ଲକ ଅନ୍ତର୍ଗତ ଜରାବଗା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ରବିବାର ନିଶାନିବାରଣ ଓ ମାନବ ଚାଲାଣ ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୀଷଣ ପ୍ରଧାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସେଚ୍ଛାସେବୀ ଅନୁଷ୍ଠାନ ଆୱାର୍ଡ ସମ୍ପାଦକ ପ୍ରହଲ୍ଲାଦ ଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ବିହାରୀ ଲାଲ ଚୌହାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶା ନିବାରଣ ଏବଂ ମାନବ ଚାଲାଣର ବିଭିନ୍ନ ଦିଗ ତଥା ଏହାର ଆଇନଗତ ବ୍ୟବସ୍ଥା ଉପରେ ଆଲୋଚନା କରି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଅତିଥିମାନେ କର୍ମଶାଳାରେ ଉପସ୍ଥିତ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହ ଶପଥ ପାଠ କରାଇଥିଲେ। ଶେଷରେ ଶିକ୍ଷକ ଗୋପବନ୍ଧୁ ପଧାନ ଧନ୍ୟବାଦ ଦେଇଥିଲେ।

# କମଳିବଜାର ସ୍ଥାନାନ୍ତରଣକୁ ବିରୋଧ, ଉତ୍ତେଜନା

**ସମ୍ବଲପୁର,୨୬।୬ (ବ୍ୟୁରୋ)**

ସମ୍ବଲପୁର ସହରସ୍ଥିତ ବହୁ ପୁରାତନ ସାପ୍ତାହିକ କମଳି ବଜାର ସ୍ଥାନାନ୍ତରଣକୁ ବିରୋଧ କରାଯାଇଛି। ରବିବାର ସକାଳେ ବଜାର ବସିବା ସମୟରେ ପ୍ରଶାସନର ଅଧିକାରୀ, ସ୍ଥାନୀୟ କେତେକ ବ୍ୟକ୍ତିଙ୍କ ସହ ବ୍ୟବସାୟୀ ଓ ଖୁଚରା ବେପାରୀମାନଙ୍କର ବଚସା ହୋଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ବ୍ୟବସାୟୀମାନେ ସକାଳ ୬ ଟାରୁ ପୂର୍ବାହ୍ନ୧୦ଟା ପର୍ଯ୍ୟନ୍ତ କୁଞ୍ଜେଲପଡା - ସମଲେଇ ମନ୍ଦିର ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଆସନ୍ତା ବୁଧବାର ମିଳିତ ବୈଠକ କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ଅପରପକ୍ଷରେ ବ୍ୟବସାୟୀମାନେ ବିଭିନ୍ନ ସ୍ଥାନରୁ ଗାଡି ଭଡା କରି ନିଜ ନିଜ ସାମଗ୍ରୀ ବିକ୍ରି କରିବାକୁ ଆସିଥିଲେ। ବଜାର ବନ୍ଦ ହେବାରୁ ସେମାନେ ନିରାଶ ହୋଇ ଫେରି ଯାଇଥିଲେ। ଦିନକର ରୋଜଗାର ବନ୍ଦ


ରବିବାର ବ୍ୟବସାୟୀମାନେ ରାସ୍ତା ଅବରୋଧ କରିଛନ୍ତି।

ହେବା ସହ କେବଳ ଖର୍ଚ୍ଚାନ୍ତ ହେବା ସାର ହେଲା ବୋଲି ବ୍ୟବସାୟୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସମଲେଇ ମନ୍ଦିର ଓ ପାରିପାର୍ଶ୍ୱିକ ବିକାଶ ସକାଶେ ରାଜ୍ୟ ସରକାର ସମଲେଇ ଯୋଜନା କରିଛନ୍ତି। ପ୍ରାୟ ୨ଶହ କୋଟି ବ୍ୟୟ ଅଟକଳ ରହିଛି। ଏହି ଯୋଜନାରେ କମଳିବଜାର ବସୁଥିବା ଜମି ମଧ୍ୟ ଚିହ୍ନଟ ହୋଇଛି। ପୂର୍ବରୁ ଏଠାରେ ସାପ୍ତାହିକ ବଜାର ବସାଇବାକୁ ବନ୍ଦ କରାଯାଇଥିଲା। ସଂପ୍ରତି ସମଲେଇ ଯୋଜନା କାର୍ଯ୍ୟ ଜୋରସୋରରେ ଚାଲିଛି। ତେଣୁ ରବିବାର ବଜାର ବନ୍ଦ କରି ୧୦୦ ମିଟର ଦୂର ରାମଜୀ ମନ୍ଦିର ନିକଟରେ ବେପାର କରିବାକୁ କୁହାଯାଇଥିଲା।

## ୪ ଘଣ୍ଟା ରାସ୍ତା ଅବରୋଧ

ହେଲେ ବଜାର ଉପରେ ନିର୍ଭର କରୁଥିବା ବେପାରୀମାନେ ଅସନ୍ତୋଷ ପ୍ରକାଶ କରି ବିରୋଧ କରିଥିଲେ। ଏ ସମ୍ପର୍କରେ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି ଯେ, ବଜାର ବନ୍ଦ ଲାଗି ପୂର୍ବରୁ ସୂଚନା ଦିଆଯାଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରାସ୍ତାରୋକୋ ହୋଇଥିଲା। ଜିଲା ପ୍ରଶାସନ ଓ ପୋଲିସ ଅଧିକାରୀମାନେ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜୟରାମ ବନିଆ, ଭବାନୀଶଙ୍କର ମେହେର, ଅଣ୍ଡାରାମ ମେହେର, ସୁଶିଳ କୁଷ୍ଣା, ରସିଦ ଖାନ, ଉମେଶ ମେହେର, ଗଣେଶ ମେହେର, ତରୁ ମେହେର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ ଯେ, ୧୮୬୪-୬୫ ମସିହାରୁ ସାପ୍ତାହିକ କମଳି ବଜାର ପ୍ରତି ରବିବାର ଦିନ ବସି ଆସୁଛି।

### ଆର୍‌ଏସ୍‌ପିରୁ ଚୋରି: ଯୁବକ ଗିରଫ

**ରାଉରକେଲା ଅଫିସ,୨୬।୬**

ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଭିତରୁ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗରପାଲି ଥାନା ନବକୃଷ୍ଣନଗରର ମୁରଲି ମହାନ୍ତ(୨୮)। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୪।୨୨) ରୁଜୁ କରିଛି। ମୁରଲି ଶନିବାର ବିଳମ୍ବିତ ରାତିରେ ଆରଏସ୍‌ପିର ଏସ୍‌ଏମ୍‌ଏସ୍-୨ରେ ଥିବା ଷ୍ଟକ୍‌ୟାର୍ଡରୁ ୪୦ କେଜି କପର ତାର ଚୋରି କରୁଥିବା ବେଳେ ସିଆଇଏସ୍‌ଏଫ ଯବାନଙ୍କ ହାତରେ ଧରାପଡ଼ିଥିଲେ। ପରେ ସିଆଇଏସ୍‌ଏଫ ଯବାନମାନେ ଅଭିଯୁକ୍ତଙ୍କୁ ଟାଙ୍ଗରପାଲି ପୋଲିସକୁ ହସ୍ତାନ୍ତର କରିଥିଲେ।

### ଜିଲା ପ୍ରାଥମିକ ଶିକ୍ଷକ ସଂଘର ଆଲୋଚନାଚକ୍ର

**ସମ୍ବଲପୁର,୨୬।୬(ବ୍ୟୁରୋ)**

ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜାତୀୟ ଶିକ୍ଷାନୀତି, ପୁରୁଣା ପେନସନ ଓ ସଂଗଠନ ସୁଦୃଢ଼ ଶୀର୍ଷକ ଆଲୋଚନାଚକ୍ର ରବିବାର ସମ୍ବଲପୁର ପ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ଶିକ୍ଷକ ସଂଘ ମହାସଚିବ କମଳାକାନ୍ତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ଓ ଶିକ୍ଷକଙ୍କ ସମସ୍ୟାକୁ ନେଇ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସଂପ୍ରତି ସରକାର ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ ଓ ସ୍ଥାନାନ୍ତର କରିବା ଦୁଃଖଦାୟକ। କୌଣସି ଜାତୀୟ ଶିକ୍ଷାନୀତିରେ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଓ ସ୍ଥାନାନ୍ତରଣ କରିବା ବିଷୟ ଉଲ୍ଲେଖ କରାଯାଇନାହିଁ। ବନ୍ଦ ଓ ସ୍ଥାନାନ୍ତରଣ ବ୍ୟବସ୍ଥାରେ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ସରକାର ଧ୍ୟାନ ଦେବାକୁ ସେ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ କହିଥିଲେ ଯେ, ଶିକ୍ଷକମାନେ ସମାଜର ମେରୁଦଣ୍ଡ। ସମ୍ମାନିତ ଅତିଥି ଭାବେ ବିଜେଡି ମୁଖପାତ୍ର ତଥା ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ କହିଥିଲେ ଯେ, ଶିକ୍ଷକମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ କାର୍ଯ୍ୟକୁ ସୂଚାରୁ ରୂପେ ନିର୍ବାହ କରୁଛନ୍ତି। ତେଣୁ ଶିକ୍ଷକଙ୍କ ସମସ୍ୟା ସମାଧାନ ଲାଗି ରାଜ୍ୟ ସରକାର ଅଗ୍ରାଧିକାର ଦେଇ ଆସୁଛନ୍ତି। ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ କାହ୍ନୁଚରଣ ମହାନ୍ତି ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ପରିଷଦ ସଭ୍ୟ ବବ୍ରୁବାହାନ ଭୋଇଙ୍କ ସଂଯୋଜନା ଓ ରାଜକିଶୋର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ସମେତ ବିଭିନ୍ନ ଜିଲାରୁ ଆସିଥିବା ଶିକ୍ଷକ ପ୍ରତିନିଧି ତେଜରାଜ ହୋତା, ପ୍ରଦୀପ ଶତପଥୀ, ଅନିତା ମେହେର, ପ୍ରମୋଦ ନାୟକ, ସୁଜିତ ପାତ୍ର, ଘନଶ୍ୟାମ ସାହୁ, ଶଙ୍କର ପୂଜାରୀ, ଦେବାର୍ଚ୍ଚନ ମିର୍ଦ୍ଧା, ଦୁର୍ଗା ସିଂ, ପ୍ରଶାନ୍ତ ପଣ୍ଡା, ପ୍ରଶାନ୍ତ କୁମାର ନାଥ, ନିରୂପମା ପଟ୍ଟନାୟକ,ମୁଜବୁଦ୍ଦିନ ଖାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ସମଗ୍ର ଦେଶରେ ଦଳିତ ଅବହେଳିତ

**ସମ୍ବଲପୁର,୨୬।୬(ବ୍ୟୁରୋ)**

## ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦର ପ୍ରତିଷ୍ଠା ଦିବସ

ଇତିହାସରେ ଦଳିତ ଅବହେଳିତ ହୋଇଥିବା ନଜିର ରହିଛି। ସମଗ୍ର ଦେଶରେ ଦଳିତମାନେ ଏକଜୁଟ ହୋଇ ଅବହେଳାକୁ ନେଇ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ଯଦ୍ୱାରା ଦଳିତମାନଙ୍କ ସୁରକ୍ଷା ସୁଦୃଢ଼ ହେବ। ବାହ୍ୟଶକ୍ତି ଚେଷ୍ଟା କଲେ ମଧ୍ୟ କୌଣସି ପ୍ରଭାବ ପକାଇପାରିବ ନାହିଁ। ତେଣୁ ପ୍ରାଥମିକତା ଅନୁସାରେ ଦଳିତମାନେ ନିଜ ଜାତିର ଜନସାଧାରଣଙ୍କୁ ସହଯୋଗ ଓ ସେବା କରିବା ଜରୁରୀ। କିନ୍ତୁ ସେବା ସହଯୋଗ ନାମରେ ପ୍ରଚାର ପ୍ରସାର ମନୋଭାବକୁ ପରିହାର କରିବା ଉଚିତ। ଏହାଦ୍ୱାରା ଦଳିତମାନେ ସଫଳତାର ଶୀର୍ଷକୁ ଛୁଇଁ ପାରିବେ। ରବିବାର ସମ୍ବଲପୁର ଜିଲା ସାମ୍ବାଦିକ ଭବନଠାରେ ପଶ୍ଚିମଓଡିଶା ଦଳିତ ସୁରକ୍ଷା ପରିଷଦର ୨୩ତମ ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥି ଓ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ପରିଷଦର ଅଧ୍ୟକ୍ଷ ନିହାଲ ସିଂଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ବୁର୍ଲା ଭିମସାର ଡା. ଜଗନ୍ନାଥ ହାତୀ ମୁଖ୍ୟଅତିଥି, ଆଦିବାସୀ ନେତା ସୁବେସ ମୁଣ୍ଡା ସମ୍ମାନିତ ଅତିଥି, ମହମ୍ମଦ ୟୁସୁବ ଓ ରୁପାଞ୍ଜଳି ରଣବିଡା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛତ୍ରପତି ସାହୁଜୀ ମହାରାଜଙ୍କ ଜୀବନୀ ଉପରେ ସଭ୍ୟ ଓ କମକର୍ତ୍ତାମାନେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାଯ୍ୟକ୍ରମ ଅବସରରେ ଖ୍ୟାତସମ୍ପନ୍ନ କରାଟେ ପ୍ରଶିକ୍ଷକ ବିରାଜ ରାଜଙ୍କୁ ଉପର୍ଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରିଷଦର ମହାସଚିବ ମମିନା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିଷ୍ଠା ଦିବସ ଉତ୍ସବରେ କରାଟେ ପ୍ରଶିକ୍ଷକ ବିରାଜ ରାଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଭାରତ ବିକାଶ ପରିଷଦର ଆଲୋଚନାଚକ୍ର


ଆଲୋଚନାଚକ୍ରରେ ପ୍ରଭାତ କୁମାର ପଣ୍ଡା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ସମ୍ବଲପୁର,୨୬।୬ (ବ୍ୟୁରୋ)**

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ପକ୍ଷରୁ ଅଗ୍ନିପଥ ଯୋଜନା: ଯୁବ ସମାଜ ପାଇଁ ଏକ ସଫଳ ପଦକ୍ଷେପ ଶୀର୍ଷକ ଆଲୋଚନାଚକ୍ର ମହାନଦୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖା ସଭାପତି ମକରଧ୍ୱଜ ଯୋଶୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା କଲୋନେଲ ପ୍ରଭାତ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ବନ୍ଦେ ମାତରଂ ଗାନ କରିଥିଲେ। ସେ କହିଥିଲେ ଯେ, ସେନାର ସୁଦୃଢ଼ୀକରଣ ତଥା ଦେଶର ମଙ୍ଗଳ ସକାଶେ ଅଗ୍ନିପଥ ଯୋଜନାର ଆବଶ୍ୟକତା ରହିଛି। ବିଶାଳ ସେନା ବାହିନୀର ଯୁବଶକ୍ତି ପ୍ରୟୋଜନୀୟତା ଓ ଯୁବ ଚରିତ୍ରର ସୁପରିଚାଳନରେ ସେନା ଜୀବନର ପ୍ରଭାବ ରହିଛି। ମାତ୍ର ଚାରି ବର୍ଷ ସେନା ଗହଣରେ ରହି ଅବ୍ୟାହତି ନେଇଥିବା ଯୁବକ କିପରି ଅବଶିଷ୍ଟ ଜୀବନ ଶୃଙ୍ଖଳିତ ଏବଂ ଅର୍ଥପୂର୍ଣ୍ଣ ଭାବେ ଅତିବାହିତ କରି ପାରିବେ, ସେ ସମ୍ପର୍କରେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ। ପରିଷଦର ପଶ୍ଚିମ ପ୍ରାନ୍ତ ମହାସଚିବ ଶ୍ୟାମସୁନ୍ଦର ଶର୍ମା ପୁଷ୍ପଗୁଚ୍ଛ ଦେଇ ମୁଖ୍ୟବକ୍ତାଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରଫେସର ଡୋଲାମଣି ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାରେ ରାଜ୍ୟ ସଭାପତି ଡା. ବିନୋଦ ବିହାରୀ ନାଏକ, ପ୍ରାନ୍ତ ପୃଷ୍ଠପୋଷକ ଡା. ରାଜକୁମାର ବଡ଼ପଣ୍ଡା, ବେଣୁମାଧବ ପଣ୍ଡା, ଡ. ଦୀପେନ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ପ୍ରଫେସର ସୁଦର୍ଶନ ପୂଜାରୀ ସମଗ୍ର ଆଲୋଚନାକୁ ନେଇ ଏକ ସମୀକ୍ଷାତ୍ମକଉପସଂହାର ପ୍ରଦାନ କରିଥିଲେ। ଭାରତ ବିକାଶ ପରିଷଦରେ ନୂତନ ଭାବେ ଯୋଗଦାନ କରିଥିବା ନିରଜ କୁମାର ସିଂହ ଓ ରଣ ପାଲଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଶାଖା ସମ୍ପାଦକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**କୁଚିଣ୍ଡା,୨୬।୬(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ତାରିଣୀ କ୍ରିକେଟ କ୍ଲବ ପକ୍ଷରୁ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ବକ୍ସମା ସରପଞ୍ଚ ସରସ୍ୱତୀ ଠାକୁର ଓ ସମିତିସଭ୍ୟା ରଶ୍ମି କୁସୁମ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ୪ଟି କ୍ରିକେଟ ଟିମ୍‌କୁ ନେଇ ହୋଇଥିବା ଟୁର୍ନାମେଣ୍ଟରେ ଦୋଭାୟା ଟାଇଗର୍ସ ଓ ତୋଫାନୀ ଜାଗୁଆର୍ସ ଟିମ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧୦ ଓଭର ବିଶିଷ୍ଟ ମ୍ୟାଚରେ ଦୋଭାୟା ଟାଇଗର୍ସ ଟସ ଜିତି ଫିଲଡିଂ ନିଷ୍ପତ୍ତି ନେଇଥିଲା। ତୋଫାନୀ ଜାଗୁଆର୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୨୬ରନ କରିଥିଲା। ଜବାବରେ ତୋଭାୟା ଟାଇଗର୍ସ ୭ ଉଇକେଟ ହରାଇ ମାତ୍ର ୯୦ ରନ କରି ପରାଜିତ ହୋଇଥିଲା। ଫଳରେ ୩୬ ରନରେ ତୋଫାନୀ ଜାଗୁଆର୍ସ ବିଜୟୀ ହୋଇଥିଲା। ଶୁଭମ ପୁରୋହିତ ଓ ରାଜେଶ ଜୟପୁରିଆ ମ୍ୟାଚ ପରିଚାଳନା କରିଥିଲେ।

# ରାଜଗାଙ୍ଗପୁର ପୋଲିସ ଦ୍ୱାରା ଅନ୍ତର୍ଜାତୀୟ ନିଶାମୁକ୍ତ ଦିବସ

**ରାଜଗାଙ୍ଗପୁର,୨୬।୬(ଡି.ଏନ.ଏ.)**

ରବିବାର ରାଜଗାଙ୍ଗପୁର ପୋଲିସ ପକ୍ଷରୁ ଅନ୍ତର୍ଜାତୀୟ ନିଶା ମୁକ୍ତ ଦିବସ ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ନିଶାରୁ ମୁକ୍ତ ରଖିବା ତଥା ନିଶା ସେବନ ଦ୍ୱାରା ଏହାର ପରିଣାମ ଉପରେ ସଚେତନ କରିବା ପାଇଁ ରାଜଗାଙ୍ଗପୁର ଥାନା ପରିସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଡ୍ରଇଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ରାଜଗାଙ୍ଗପୁର ଏସଡିପିଓ ଡାକ୍ତର ଶଶାଙ୍କ ଶେଖର ବେହୁରା ଓ ଥାନା ଅଧିକାରୀ ବିଭସ ପ୍ରଧାନ ପୁରସ୍କୃତ କରିଥିଲେ ଓ ଏହା ସହିତ ସମସ୍ତ ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ଦେଇଥିଲେ।

# ସ୍ୱର୍ଗତ ରାଇମୋହନଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୨୬।୬**

ଓଡିଆ ଚଳଚ୍ଚିତ୍ର ଜଗତର ଖଳ ଅଭିନେତା ସ୍ୱର୍ଗତ ରାଇମୋହନ ପରିଡାଙ୍କ ବିୟୋଗରେ ରାଉରକେଲା ସ୍ଥିତ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ରବିବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବାସନ୍ତୀ କଲୋନୀ ସ୍ଥିତ ଡିଏଭି ଛକରେ କମିଟିର ଶତାଧିକ କର୍ମକର୍ତ୍ତା ରାଇମୋହନଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ପରେ ତାଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ଓଡ଼ିଆ ସିନେଜଗତରେ ରାଇମୋହନ ଭଳି ଜଣେ ଅଭିଜ୍ଞ କଳାକାର ମିଳିବା ବିରଳ ବୋଲି କର୍ମକର୍ତ୍ତାମାନେ କହିଥିଲେ। ଏଥିରେ କମିଟି ସଭାପତି ବାସୁଦେବ ବରାଳ, ଲୁନା ଜେନା, ଅମୀୟ ପୋଥାଳ, କହରା ପୋଥାଳ, ଟୁନା କର, ସମରସିଂ ରାଉତ, ସଚିନ ବସ୍ତିଆ, ଅଭୟ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ସ୍ୱର୍ଗତ ଅଭିନେତାଙ୍କ ଫଟୋଚିତ୍ର ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ଜରାଜୀର୍ଣ୍ଣ ଅବସ୍ଥାରେ ମାରୱାଡ଼ିମୁଣ୍ଡା ପ୍ରାଥମିକ ବିଦ୍ୟାଳୟ

**ନାକଟିଦେଉଳ,୨୬।୬(ଡି.ଏନ.ଏ.)**

ବିଦ୍ୟାଳୟ ଏବଂ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଆସୁଛନ୍ତି। ଏଥିପାଇଁ ବିପୁଳ ଅର୍ଥ ବ୍ୟୟ ହେଉଛି। ତେବେ ପ୍ରଶାସନ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ବହୁ ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସରକାର ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଶ୍ରେଣୀଗୃହର ଭଙ୍ଗା ଛାତ ତଳେ ଛାତ୍ରୀଛାତ୍ର ବସି ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। ଏପରି ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ପଞ୍ଚାୟତର ମାରୱାଡ଼ିମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ୨ଟି ଶ୍ରେଣୀ କୋଠରୀ ଭାଙ୍ଗିଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଗୋଟିଏ କୋଠରୀରେ ଏକାଧିକ ଶ୍ରେଣୀର ଛାତ୍ରୀଛାତ୍ର ଏକାଠି ବସି ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। ଏହି ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୬୭ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୩ ଜଣ ଶିକ୍ଷକ ଅଛନ୍ତି। ୧ମ ଶ୍ରେଣୀରେ ୧୫ଜଣ ଛାତ୍ରଛାତ୍ରୀ, ୨ୟ ଶ୍ରେଣୀରେ ୧୬ଜଣ, ୩ୟ ଶ୍ରେଣୀରେ ୨୦ଜଣ, ୪ର୍ଥ ଶ୍ରେଣୀରେ ୧୧ଜଣ ଏବଂ ୫ମ ଶ୍ରେଣୀରେ ୬ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେବେ ୫ଟି ଶ୍ରେଣୀ କୋଠରୀ ମଧ୍ୟରୁ ୨ଟି ଭାଙ୍ଗିରୁଜି ଗଲାଣି। ଏହି ଦୁଇ କୋଠରୀର ଛପରରେ ଲାଗିଥିବା ରାପଟର ଏବଂ ଟାଇଲଗୁଡ଼ିକ ଭାଙ୍ଗିଯାଇଛି। ଫଳରେ ବର୍ଷା ଦିନେ ଛାତରୁ ପାଣି ଗଳି କାନ୍ଥଗୁଡ଼ିକ ନଷ୍ଟ ହୋଇଗଲାଣି। ଯେ କୌଣସି ମୁହୂର୍ତ୍ତରେ ଏହା ଭାଙ୍ଗିଯିବାର ଆଶଙ୍କା ରହିଛି। ଏହି ଦୁଇ କୋଠରୀ ବିପଦପୂର୍ଣ୍ଣ ଅବସ୍ଥାରେ ଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ସେହି କୋଠରୀରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ଅନ୍ୟ କୋଠରୀକୁ ଆଣି ପାଠ ପଢା ବ୍ୟବସ୍ଥା କରିଛନ୍ତି। ଫଳରେ ପ୍ରଥମ ଶ୍ରେଣୀର ଛାତ୍ରୀଛାତ୍ର ଗୋଟିଏ କୋଠରୀରେ, ୨ୟ ଏବଂ ୩ୟ ଶ୍ରେଣୀର ୩୬ଜଣ ଛାତ୍ରୀଛାତ୍ର ଗୋଟିଏ କୋଠରୀରେ ଏବଂ ୪ର୍ଥ,୫ମ ଶ୍ରେଣୀର ୧୭ଜଣ ଛାତ୍ରୀଛାତ୍ର ଗୋଟିଏ କୋଠରୀରେ ଏକାଠି ବସି ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। ଗୋଟିଏ କୋଠରୀରେ ଏକାଧିକ ଶ୍ରେଣୀର ପିଲା ବସି ପାଠ ପଢିବାରେ ଅସୁବିଧା ସୃଷ୍ଟି ହେଉଥିବା



## ଭାଙ୍ଗି ଗଲାଣି ଶ୍ରେଣୀଗୃହ ଛପର

ବେଳେ ଶିକ୍ଷକଙ୍କ ଶିକ୍ଷାଦାନରେ ସମସ୍ୟା ଦେଖାଦେଉଛି। ଅପରପକ୍ଷରେ ବିଦ୍ୟାଳୟ ବାରଣ୍ଡାର ଛାତରୁ ଟାଇଲ ଖସିଯାଇଛି। ଫଳରେ ବର୍ଷା ହେଲେ ବାରଣ୍ଡାରେ ପାଣି ପଡ଼ିବା ସହ କୋଠରୀ ପରିସର ଓଦା ହୋଇଯାଉଛି। ଏ ସଂପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଭିଭାବକ ପ୍ରଶାସନ ଓ ସରପଞ୍ଚଙ୍କୁ ଜଣାଇଥିଲେ ହେଁ ସମସ୍ୟାର ସମାଧାନ ହୋଇ ନ ଥିବାରୁ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମାରୱାଡ଼ିମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅବଧୂତ ସାହୁଙ୍କୁ ପଚାରିବାରେ ବିଦ୍ୟାଳୟର ଜରାଜୀର୍ଣ୍ଣ ଶ୍ରେଣୀଗୃହ ଏବଂ ଶ୍ରେଣୀ ଗୃହ ଅଭାବ ସଂପର୍କରେ ବିଡ଼ିଓଙ୍କ ନିକଟରେ ଦାବି କରାଯାଇଛି। ଏହାଛଡା ସରାପାଲି ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଯାଇଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ।

## ସଂକ୍ଷେପରେ

### ଘରୁ ନାଗ ସାପ ଉଦ୍ଧାର



କୁତ୍ରା, ୨୬।୬(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଗ୍ରାମର ଲକ୍ଷ୍ମଣ ନାଏକଙ୍କ ଘରୁ ରବିବାର ଏକ ୫ ଫୁଟ ଲମ୍ବା ନାଗ ସାପ ଉଦ୍ଧାର କରାଯାଇଛି। ତାଙ୍କ ଘରେ କିଛିଦିନ ତଳେ ଏହି ନାଗ ପଶିଥିଲା। ପରେ କୁଆଡେ ପଳାଇଯାଇଥିଲା। ତେବେ ଏହି ସାପ ପାଇଁ ତାଙ୍କ ଘର ଲୋକ ସବୁବେଳେ ଭୟଭୀତ ହୋଇ ରହୁଥିଲେ। ରବିବାର ହଠାତ ଏହି ସାପ ଘର ବାହାରେ ଦେଖିବାକୁ ମିଳିଥିଲା। ତା'ପରେ ସେ ପଞ୍ଚରା ମଝାପଡାର ସାପ ଧରାଳି ଶ୍ରୀକାନ୍ତ ଲାକଡା ଓ କୁନା କୁଜୁରକୁ ଖବର ଦେଇଥିଲେ। ସେମାନେ ଆସି ସାପକୁ ଧରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଛନ୍ତି।

### କୁଆଁରମୁଣ୍ଡା ଲ୍ୟାମ୍ପ୍ସର ୨ଟି ବୁଥ୍‌ରେ ନିର୍ବାଚନ ଶେଷ

କୁଆଁରମୁଣ୍ଡା, ୨୬।୬(ଡି.ଏନ.ଏ.: ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଲ୍ୟାମ୍ପ୍ସର ମୋଟ ୧୫ଟି ବୁଥ୍ ମଧ୍ୟରୁ ୧୩ଟି ନିର୍ଦ୍ଦେଶକ ପଦବୀରେ ନିର୍ଦ୍ୱନ୍ଦ୍ୱରେ ପ୍ରାର୍ଥୀମାନେ ନିର୍ବାଚିତ ହୋଇଥିବା ବେଳେ ୨ଟି ବୁଥ୍ ବିଶେଷକରି ୮ଓ୯ ନମ୍ବର ବୁଥ ପାଇଁ ରବିବାର କୁଆଁରମୁଣ୍ଡା ବ୍ଲକ କଲୋନୀ ସ୍କୁଲରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୮ ନମ୍ବର ବୁଥ୍‌ରେ ମାଙ୍ଗା କୁଜୁର, ଆନନ୍ଦ ଖେସ୍ ଓ ରତିଆ ଭଗତ ପ୍ରାର୍ଥୀ ହୋଇଥିଲେ। ସେହିପରି ୯ନମ୍ବର ବୁଥ୍‌ରେ ସୋନୁ ଇନ୍ଦୁୱାର ଓ ବିଜେନ୍ଦ୍ର କୁଜୁର ପ୍ରାର୍ଥୀ ହୋଇଥିଲେ। ୮ ନମ୍ବର ବୁଥ୍‌ରେ ମୋଟ ୧୩୨ ଭୋଟ ମଧ୍ୟରୁ କେବଳ ୬ଜଣ ଭୋଟ ଦେଇଥିଲେ। ତାହା ପୁଣି ସମ୍ପୂର୍ଣ୍ଣଭାବେ ଆନନ୍ଦ ଖେସ୍‌ଙ୍କୁ ମିଳିଥିବା ବେଳେ ଅନ୍ୟ ୨ଜଣଙ୍କୁ କୌଣସି ଭୋଟ ମିଳି ନ ଥିବା ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲ ସୂଚନା ଦେଇଛନ୍ତି। ୯ନମ୍ବର ବୁଥ୍‌ର ଚାଷୀ ମାଙ୍ଗା କୁଜୁର ୮ନମ୍ବର ବୁଥ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ସେ ନିଜ ପାଇଁ ଭୋଟ ଦେଇପାରି ନ ଥିଲେ। ହେଲେ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ରତିଆ ଭଗତ ଉକ୍ତ ୮ ନମ୍ବର ବୁଥ୍‌ର ହୋଇଥିବାବେଳେ ସେ ନିଜ ପାଇଁ ମଧ୍ୟ ଭୋଟ ଦେଇ ନ ଥିଲେ। ଅନ୍ୟ ପକ୍ଷରେ ୯ନମ୍ବର ବୁଥ୍‌ରେ ମୋଟ ୧୧୬ ଜଣ ଚାଷୀ ଭୋଟର ଥିବା ବେଳେ ୬୯ ଜଣ ଭୋଟ ଦେଇଛନ୍ତି। ସେଥିମଧ୍ୟରୁ ସୋନୁ ଇନ୍ଦୁୱାର ୪୧ ଖଣ୍ଡ ଭୋଟ ପାଇ ବିଜୟୀ ଘୋଷିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେନ୍ଦ୍ର କୁଜୁରଙ୍କୁ ୨୮ ଖଣ୍ଡ ଭୋଟ ମିଳିଥିଲା। ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ କଡା ସୁରକ୍ଷାରେ ଭୋଟଗ୍ରହଣ ଶେଷ ହେଲା ପରେ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା।

# ବାରଣ୍ଡାରେ ବସି ପଢୁଛନ୍ତି ଛାତ୍ରୀଛାତ୍ର

ଟେନ୍‌ସା, ୨୬।୬(ଡି.ଏନ୍.ଏ.)





ଡେଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ବାରଣ୍ଡାରେ ବସି ଛାତ୍ରୀଛାତ୍ର ପଢୁଛନ୍ତି।

■ ୭୦ବର୍ଷ ପୁରୁଣା ସ୍କୁଲ
■ ଆଗ ଚକାଚକ ଭିତର ଫମ୍ପା
■ ୫-ଟି ମୋ ସ୍କୁଲ ଅଭିଯାନର ହାଲ୍

୭୦ବର୍ଷର ପୁରୁଣା ସୁନ୍ଦରଗଡ଼ ଜିଲାର କୋଇଡ଼ା ବ୍ଲକର ଡେଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟର ଆଗ ଚକାଚକ ଭିତର ଫମ୍ପା। ୫-ଟି ମୋ ସ୍କୁଲ ଅଭିଯାନ ଅଧୀନରେ ଆସୁଥିବା ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର ବାରଣ୍ଡାରେ ବସି ପଢୁଛନ୍ତି ପାଠ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ୧୯୫୨ ମସିହାରେ ଡେଙ୍ଗୁଳା ଗ୍ରାମରେ ସ୍ଥାପିତ ହୋଇଥିଲା ଉଚ୍ଚ ବିଦ୍ୟାଳୟ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନେ ଆଶ୍ରମରେ ରହି ପାଠ ପଢ଼ିଥାନ୍ତି। ରାଜ୍ୟ ସରକାର ୫-ଟି ମୋ ସ୍କୁଲ ଅଭିଯାନ ଅଧୀନରେ ଡେଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ନେଇଥିଲେ। ବିଦ୍ୟାଳୟରେ ଯେଉଁ ଘର ସବୁ ଥିଲା ସେହି ଘରକୁ ବିଭିନ୍ନ ପ୍ରକାର ରଙ୍ଗରେ ସୁସଜ୍ଜିତ କରାଗଲା। ତତ୍‌ସହ ପାଚେରୀଗୁଡିକୁ ଚୂନ ମରାଯାଇ ବିଭିନ୍ନ ପ୍ରକାର ଚିତ୍ରବିଚିତ୍ର କରି ଦିଆଗଲା। ହେଲେ ବିଦ୍ୟାଳୟ ଛାତ୍ରୀଛାତ୍ର ବସିବାକୁ ଘର ନାହିଁ। ବିଦ୍ୟାଳୟରେ ଶୌଚାଳୟ ନାହିଁ। ଏ ସବୁକୁ ଦେଖିବାକୁ କୌଣସି ଅଧିକାରୀଙ୍କ ପାଖରେ ସମୟ ନାହିଁ। ଡେଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା। ହେଲେ ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରୀଛାତ୍ର ବର୍ଷା ଦିନରେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ର ନିକଟସ୍ଥ ଜଙ୍ଗଲ ପାଖକୁ ଯାଉଥିବାର ଅଭିଯୋଗ ହେଉଛି। ରାସ୍ତା କଡରେ ବିଦ୍ୟାଳୟ ଥିବାରୁ ଗାଡିମୋଟର ଶବ୍ଦରେ ବାରଣ୍ଡାରେ କିଭଳି ଛାତ୍ରୀଛାତ୍ର ପାଠ ପଢୁଥିବେ ତାହା ନ କହିବା ଭଲ। ଡେଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟ ୭୦ ବର୍ଷ ବିତି ଯାଇଥିଲେ ମଧ ବିଦ୍ୟାଳୟରେ ଶୌଚାଳୟ କିମ୍ବା ପାନୀୟ ଜଳର କୌଣସି ସୁବିଧା ନାହିଁ। ଶ୍ରେଣୀ ଗୃହରେ ପାଠ ପଢିବା ସମୟରେ ଛାତ୍ରୀଛାତ୍ରଙ୍କୁ ଶୋଷ ଲାଗିଲେ ୨୦୦ ମିଟରରୁ ଊର୍ଦ୍ଧ୍ୱ ବାଟ ଚାଲିକରି ହଷ୍ଟେଲକୁ ପାଣି ପିଇବାକୁ ଯାଇଥାନ୍ତି। ଏହି ୭୦ ବର୍ଷର ପୁରୁଣା ଡେଙ୍ଗୁଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତି ଜିଲା ପ୍ରଶାସନ ସହିତ ୫-ଟି ସଚିବ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### କୁତ୍ରା ପୋଲିସ ପକ୍ଷରୁ ନିଶା ମୁକ୍ତ ପକ୍ଷ ପାଳନ

କୁତ୍ରା, ୨୬।୬(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ପୋଲିସ ପକ୍ଷରୁ ଦାନପଡାସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ନିଶାମୁକ୍ତି ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଅନୁଷ୍ଠାନର ୪୯ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମରୁ ଷଷ୍ଠ ଶ୍ରେଣୀ ଏବଂ ସପ୍ତମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇ ନିଶା ସେବନକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଗ୍ରସେନ ପ୍ରଧାନ ଯୋଗଦେଇ ନିଶା ସେବନ ଦ୍ୱାରା ସମାଜରେ ଏହାର ପଡୁଥିବା କୁପ୍ରଭାବ ସହ ମଣିଷ ଶରୀରରେ ବ୍ୟକ୍ତିଗତ ଭାବେ ହେଉଥିବା ହେଉଥିବା କ୍ଷତି ସମ୍ପର୍କରେ ବୁଝାଇଥିଲେ। ପରେ ଅନୁଷ୍ଠିତ ପ୍ରତିଯୋଗିତାର ସିନିୟର ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭୂଷଣ ଡୁଙ୍ଗଡୁଙ୍ଗ, ଦ୍ୱିତୀୟ ଯୁବରାଜ କୁଲୁ, ତୃତୀୟ ବ୍ରିଜିତ ଡୁଙ୍ଗଡୁଙ୍ଗ ଏବଂ ଜୁନିୟର ବର୍ଗର ପ୍ରଥମ ଅଙ୍କୁର ମିଶ୍ର, ଦ୍ୱିତୀୟ ରୋହିତ ଓରାମ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବର୍ଷା ମାଝିଙ୍କୁ ମୁଖ୍ୟ ଅତିଥି ପ୍ରଧାନ ପୁରସ୍କୃତ କରିଥିଲେ। ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡା କାର୍ଯ୍ୟକ୍ରମର ଆୟୋଜନ କରିଥିବାବେଳେ ସମସ୍ତ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ। ଥାନା ପରିସରକୁ ଅନାଥ ଛାତ୍ରୀଛାତ୍ରଙ୍କ ପାଠପଢା ସହ ସେମାନଙ୍କ ଲାଳନ ପାଳନର ଦାୟିତ୍ୱ ନିଭାଇ ଆସୁଥିବା ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଆଣି ଏପରି ଏକ କାର୍ଯ୍ୟକ୍ରମ କରାଯାଇଥିବାରୁ ପୋଲିସ ବିଭାଗକୁ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ




ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମହାବିଦ୍ୟାଳୟର ଅଧକ୍ଷ ଓ ଅତିଥି।

ସୁନ୍ଦରଗଡ଼, ୨୬।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଡିଆର୍‌ଏଫ (ଓଡିଶା ଶାଖା) ଏବଂ ମହାବିଦ୍ୟାଳୟର ଏନସିସି,ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ। ଇନ୍ସପେକ୍ଟର ଉଦିତ କୁମାର ଦୀକ୍ଷିତ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର କିଭଳି ଉପକୃତ ହେବେ ଓ ବିପର୍ଯ୍ୟୟ ମୁକାବିଲା କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ଜିଲା ଆପାଦ ଅଧିକାରୀ କୁନ୍ତୀରାଣୀ ନାଏକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋ କଲେଜ ଅଭିଯାନର ସଂଯୋଜିକା ପ୍ରାଧ୍ୟାପିକା ଡ. କୁମୁଦିନୀ ରାଉତରାୟ, ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଅଧିକାରୀ ନୂତନ ଖମାରୀ, ଯୁବ ରେଡକ୍ରସ ଅଧିକାରୀ ପିତାମ୍ବର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଯୁବ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଉପସ୍ଥିତ ଥିଲେ।

## ଜାତୀୟ ଯୁବ ବକ୍ସି ପ୍ରତିଯୋଗିତା ପାଇଁ ସୁନ୍ଦରଗଡ଼ର ଅର୍ପିତା ମନୋନୀତ

ସୁନ୍ଦରଗଡ଼,୨୬।୬(ଡି.ଏନ୍.ଏ.)



ଜାତୀୟ ଯୁବ ବକ୍ସି ପ୍ରତିଯୋଗିରେ ଅଂଶଗ୍ରହଣ ପାଇଁ ସୁନ୍ଦରଗଡ଼ର ଝିଅ ଅର୍ପିତା ପାତ୍ର ମନୋନୀତ ହୋଇଛନ୍ତି। ପୁରୀଠାରେ ଗତ୨୨ ଓ ୨୩ ତାରିଖ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଯୁବ ବକ୍ସି ପ୍ରତିଯୋଗିତାରେ ଅର୍ପିତା ସୁନ୍ଦରଗଡ଼ ଜିଲାରୁ ପ୍ରତିନିଧିତ୍ୱ କରି ସେ ଜାତୀୟ ସ୍ତରକୁ ମନୋନୀତ ହୋଇଛନ୍ତି। ଆସନ୍ତା ମାସ ତାମିଲନାଡୁର ଚେନ୍ନାଇ ସ୍ଥିତ ଏସ.ଆର.ଏମ୍ ୟୁନିଭରସିଟିରେ ହେବାକୁ ଥିବା ଜାତୀୟ ଯୁବ ବକ୍ସି ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ସେ ମନୋନୀତ ହୋଇଛନ୍ତି। ଏହି ଖବର ଜଣାପଡିବା ପରେ ସୁନ୍ଦରଗଡ଼ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ସୁନ୍ଦରଗଡ଼ ଜିଲା ସଦର ବ୍ଲକ ଲମଟି ଗ୍ରାମର ବାପା ସାନ୍ତା ପାତ୍ର ଓ ମାତା ହରପ୍ରିୟା ପାତ୍ରଙ୍କ କନ୍ୟା ଅଟନ୍ତି। ସେ ଯୁକ୍ତ ଦୁଇ କଳା ଶିକ୍ଷା ଲାଭ କରିଛନ୍ତି। ପାଠପଢା ସହିତ ବକ୍ସିରେ ଭଲ ପ୍ରଦର୍ଶନ କରି ଆଜି ସେ ରାଜ୍ୟରୁ ଜାତୀୟ ସ୍ତରରେ ଭାଗ ନେବାକୁ ମନୋନୀତ ହୋଇ ସୁନ୍ଦରଗଡ ପାଇଁ ଗୌରବ ଆଣିଛନ୍ତି। ଜାତୀୟସ୍ତରରେ ମଧ୍ୟ ଭଲ ପ୍ରଦର୍ଶନ କରି ଓଡ଼ିଶା ପାଇଁ ସୁନାମ ଆଣିବେ ବୋଲି ଅର୍ପିତା କହିଛନ୍ତି। ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଥିବାରୁ ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ବକ୍ସି ସମ୍ପାଦକ ଅନୀଲ ବହିଦାର, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଜୟଦେବ ପାତ୍ରଙ୍କ ସମେତ କ୍ରୀଡା ସଂସଦର ସମସ୍ତ ସଦସ୍ୟ ଓ ଜିଲାର ବକ୍ସିପ୍ରେମୀ ଅର୍ପିତାଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଜିଲା କ୍ରୀଡା ସଂସଦର ଉପସଭାପତି ଚିତ୍ତରଞ୍ଜନ ବହିଦାର, ପୌଷଚନ୍ଦ୍ର ପଟେଲ, ବକ୍ସି କୋଚ ରୂପକ ପ୍ରସାଦ, ନକବି ରାଜା, ବନମାଳୀ ସୁନାନୀ, ପ୍ରୀତି ଟେଟେ ପ୍ରମୁଖ ମଧ୍ୟ ଅର୍ପିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କୁତ୍ରାଠାରେ ସମବାୟ ସମିତି ନିର୍ବାଚନ

କୁତ୍ରା, ୨୬।୬(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଦୁଇଟି ସମବାୟ ସମିତି ପଞ୍ଚରା ଓ କୁତ୍ରାରେ ଦ୍ୱିତୀୟ ପର୍ଯ୍ୟାୟ ଡ଼ାଇରେକ୍ଟର ପଦବୀ ପାଇଁ ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କୁତ୍ରା ସମବାୟ ସମିତିରେ ୧୫ଟି ଜୋନ ଥିବା ବେଳେ ୧୪ଟି ଜୋନରେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ କେବଳ ୩ ନମ୍ବର ଜୋନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁଇ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୫୭ ଭୋଟରଙ୍କ ମଧ୍ୟରୁ ୩୪ ଜଣ ମତଦାନ କରିଥିଲେ। ଏଥିରେ ମଙ୍ଗଲ କୁଜୁର ୨୨ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ଶଙ୍କର ପ୍ରସାଦ ଟପ୍ପୋ ୧୨ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ସେହିଭଳି ପଞ୍ଚରା ସମବାୟ ସମିତିରେ ମଧ ୧୫ଟି ଜୋନରୁ ଗୋଟିଏ ଜୋନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯୦ଭୋଟରଙ୍କ ମଧ୍ୟରୁ ୫୧ ମତଦାନ କରିଥିଲେ। ଏଥିରେ ଗୀତା ଲାକ୍ରା ସମସ୍ତ ୫୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିମା ବରୁଆ ଖଣ୍ଡେ ବି ଭୋଟ ପାଇନାହାନ୍ତି।



ଦେବଗଡ଼ରେ ନିଶାମୁକ୍ତ ଦିବସ ପାଳନ କାର୍ଯ୍ୟକ୍ରମ।

## ଆନ୍ତର୍ଜାତିକ ନିଶା ମୁକ୍ତ ଦିବସ ପାଳିତ

ଦେବଗଡ଼, ୨୬।୬(ଡି.ଏନ୍.ଏ.)

ଦେବଗଡ଼ ଜିଲାପାଳ କାର୍ଯ୍ୟାଳୟ ପରିସରରେ 'ଆନ୍ତର୍ଜାତିକ ନିଶାମୁକ୍ତ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ସହରରେ ନିଶାମୁକ୍ତ ସଚେତନତା ରଥ ପରିକ୍ରମା କରିଥିଲା। ସ୍କୁଲ ପିଲାଙ୍କ ଦ୍ୱାରା ସଚେତନତା ରାଲି କରାଯାଇଥିଲା। ଏହି ରାଲିକୁ ଉପ-ଜିଲାପାଳ ବ୍ରଜବନ୍ଧୁ ଭୋଇ ଶପଥ ପାଠ ଓ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନିଶାସେବନ ଅଭ୍ୟାସ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ତଥା ପାରିବାରିକ ବିଶୃଙ୍ଖଳା ସୃଷ୍ଟି କରେ। ରୋଗାକ୍ରାନ୍ତ କରାଏ ଏବଂ ଶେଷରେ ମୃତ୍ୟୁ ମୁଖରେ ପକାଏ। ଲୋକଙ୍କୁ ସଚେତନ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନିଶାମୁକ୍ତ ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ପୂର୍ବରୁ ମହାବିଦ୍ୟାଳୟସ୍ତରରେ ନିଶାମୁକ୍ତ ଉପରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନନ୍ଦ ପୁରସ୍କାର ବଣ୍ଟନ କରିଥିଲେ। ଏହି ଦିବସରେ ଜିଲା ମଙ୍ଗଳ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲା ପ୍ରଶାସନ, ଅବକାରୀ ବିଭାଗ, ପୋଲିସ ବିଭାଗ, ଗାୟତ୍ରୀ ପରିବାର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ନିଶାସେବନର କୁପ୍ରଭାବ ସମ୍ପର୍କରେ ସଚେତନ ହୁଅ

ଝାରସୁଗୁଡ଼ା ଅଫିସ,୨୬।୬

ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ଉପଲକ୍ଷେ ରବିବାର ଝାରସୁଗୁଡା ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଡି ଅବସରରେ ସଚେତନତା ସଭା, ଶପଥ ପାଠ, ଶୋଭାଯାତ୍ରା ଆଦି ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ଏକ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବେହେରାମାଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ପ୍ରେକ୍ଷାଳୟରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମବେତ ପଦାଧିକାରୀ, ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନିଶାସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଶପଥ ପାଠ କରାଇଥିଲେ । ନିଶା ସେବନ ଓ ଅବୈଧ ଚାଲାଣ ରୋକିବା ଦିଗରେ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ରହିଛି ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ଦେଶ ପ୍ରଗତିରେ ଯୁବପୀଢିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲ, ଜିଲା ଅବକାରୀ ଏସ୍‌ପି ଦିଲ୍ଲୀପ କୁମାର ପଲେଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା ନିଶା ସେବନର କୁପରିଣାମ ସମ୍ପର୍କରେ ଆଲୋଚନା କରିଥିଲେ।ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ସଭାସ୍ଥଳକୁ ପହଞ୍ଚି ପାରିଲେ ନାହିଁ ପ୍ରଫୁଲ୍ଲ ସାମନ୍ତରା

ଲହୁଣୀପଡ଼ା, ୨୬।୬(ଡି.ଏନ.ଏ.)



ପରିବେଶବିତ୍ ପ୍ରଫୁଲ ସାମନ୍ତରା ଓ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକରେ ଆୟୋଜିତ ସଭାସ୍ଥଳରେ ଗଣ୍ଡଗୋଳର ଆଶଙ୍କା କରି ପରିବେଶବିତ୍ ପ୍ରଫୁଲ ସାମନ୍ତରାଙ୍କୁ ପୋଲିସ ପ୍ରଶାସନ ସଭାସ୍ଥଳକୁ ଛାଡି ନ ଥିବା ଜଣାପଡିଛି। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ସାଲେଇପାଲି ଛକରେ ପେଲେଟ ପ୍ଲାଣ୍ଟ ସପକ୍ଷବାଦୀ ଓ ବିପକ୍ଷବାଦୀ ପୃଥକ ପୃଥକ୍ ଭାବେ ଉପସ୍ଥିତ ଥିବାବେଳେ ସେମାନଙ୍କ ଉପରେ ପୋଲିସ ପ୍ରଶାସନର ସତର୍କ ଦୃଷ୍ଟି ଲାଗି ରହିଥିଲା। ପରିବେଶବିତ ପ୍ରଫୁଲ ସାମନ୍ତରା, କୃଷକ ନେତା ଲିଙ୍ଗରାଜ ପ୍ରଧାନ, ନିୟମଗିରି ସୁରକ୍ଷା ଆନ୍ଦୋଳନର ନେତା ଲିଙ୍ଗରାଜ ଆଜାଦ, ଭୂ-ଅଧିକାର ଆନ୍ଦୋଳନ ରାଜ୍ୟ ଆବାହକ ନରେନ୍ଦ୍ର ମାହାନ୍ତି, ବାଇବେଲ ଟପ ପ୍ରମୁଖ ଆସି ସାଲେଇପାଲି ଛକରେ ପହଞ୍ଚିବା ପରେ ପୋଲିସ ପ୍ରଶାସନ ତରଫରୁ ତାଙ୍କୁ ସଭା ସ୍ଥଳକୁ ଯିବା ପାଇଁ ବାରଣ କରାଯାଇଥିଲା। କାରଣ ସେଠାରେ ହେବାକୁ ଥିବା ଜନ ସମାବେଶରେ ସପକ୍ଷବାଦୀ ଓ ବିପକ୍ଷବାଦୀ ମଧ୍ୟରେ ଉତ୍ତେଜନା ହେବା ଆଶଙ୍କା କରି ବାରଣ କରାଯାଇଥିଲା। ପ୍ରଫୁଲ ସାମନ୍ତରାଙ୍କୁ ଗୋବ୍ୟାକ ଗୋବ୍ୟାକ ନାରାର ସମ୍ମୁଖୀନ ହେବାକୁ ପଡିଥିଲା। ତଥାପି ପ୍ରଫୁଲ ସାମନ୍ତରା, ଲିଙ୍ଗରାଜ ପ୍ରଧାନ ସେହି ସ୍ଥାନରେ ସାମାନ୍ୟ ବକ୍ତବ୍ୟ ଦେଇଥିଲେ। ପ୍ରଫୁଲ ସାମନ୍ତରାଙ୍କ ଦ୍ୱାରା ଲିଖିତ ପୁସ୍ତକ ଆମ ଭବିଷ୍ୟତ କେତେ ସୁରକ୍ଷିତକୁ ଉନ୍ମୋଚନ କରି ରାଉରକେଲା ପଟେ ଫେରି ଯାଇଥିଲେ।

ସୂଚନା ଅନୁସାରେ ଲହୁଣୀପଡା ବ୍ଲକ ବଡପୁରୁଣାପଣି ପଞ୍ଚାୟତ ଅନ୍ତର୍ଗତ କପଣ୍ଡ ଗ୍ରାମରେ କାଇ ଇଣ୍ଟର ନ୍ୟାଶନାଲ ଦ୍ୱାରା ହେବାକୁ ଥିବା ପେଲେଟ ପ୍ଲାଣ୍ଟକୁ ବିରୋଧ କରୁଥିବା ସ୍ଥାନୀୟ ଜଙ୍ଗଲ ସୁରକ୍ଷା ସମିତିର ବଡବାହାଲ, ପଟାଝରଣ, ମଦନ ମୁଣ୍ଡା, ନୂଆଗାଁ, ଶିଆଳି କୁଦର, କପଣ୍ଡବାସୀଙ୍କ ତରଫରୁ ଜଙ୍ଗଲ, ଜଳ, ଜମିର ସୁରକ୍ଷା ପାଇଁ ଜନସମାବେଶ ବଡବାହାଲଠାରେ ଆୟୋଜନ କରାଯାଇଥିଲା। ଏହି ସମାବେଶରେ ଯୋଗଦେବା ପାଇଁ ଉପରୋକ୍ତ ଅତିଥିମାନେ ଆସୁଥିଲାବେଳେ ଗାଁଗାଁ ଭିତରେ ଉତ୍ତେଜନା ଆଶଙ୍କା କରି ପୋଲିସ ପ୍ରଶାସନ ବାରଣ କରିବା ସହିତ ସାଲେଇପାଲି ଛକଠାରୁ ଫେରାଇ ଦେଇଥିଲେ। ଗତ ମାର୍ଚ୍ଚ ମାସ ୫ ତାରିଖ ମଧ ଅନୁରୂପ ଭାବେ ସଭାର ଆୟୋଜନ କରାଯାଇଥିଲେ ମଧ ପରିବେଶବିତ ପ୍ରଫୁଲ ସାମନ୍ତରାଙ୍କୁ ଉକ୍ତ ସଭା ସ୍ଥଳରେ ଗଣ୍ଡଗୋଳର ଆଶଙ୍କା ଅନୁମାନ କରି ପ୍ରଶାସନ ସଭାସ୍ଥଳକୁ ନ ଛାଡି ଅଧା ବାଟରୁ ଫେରାଇ ଦେଇଥିଲେ। କପଣ୍ଡ ଗ୍ରାମର ପ୍ରାୟ ୧୬୭ ଏକର ଜମି ଇଡ଼କୋ ମଧ୍ୟମରେ ଘରୋଇ ସଂସ୍ଥା କାଇ ଇଣ୍ଟର ନ୍ୟାଶନାଲକୁ ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଗାଇ ଦିଆଯାଇଛି। ଶିଳ୍ପ ପ୍ରତିଷ୍ଠା ପାଇଁ ସେଠାରେ ଥିବା ଅନେକ ମୂଲ୍ୟବାନ ଗଛକୁ ମଧ୍ୟ କାଟି ଦିଆଯାଇଛି। ଯଦ୍ୱାରା କି ପରିବେଶ ପ୍ରଦୂଷଣ ହେବା ଆଶଙ୍କାରେ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଧିବାସୀମାନେ ବିରୋଧ କରୁଥିବା ବେଳେ ଶିଳ୍ପ ସପକ୍ଷବାଦୀମାନେ ବେକାର ଯୁବତୀଯୁବକ ନିଯୁକ୍ତି ପାଇବା ଆଶାରେ ତଥା ଶିଳ୍ପର ବିକାଶ ଅଞ୍ଚଳର ବିକାଶ ଦାବି ରଖିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବଡ଼ ପୁରୁଣାପଣି ଫୁଟବଲ ପଡିଆଠାରେ ମେ ୨୪ ତାରିଖ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ସଭା ଅନୁଷ୍ଠିତ ହୋଇଥିଲା। ସେଥିରେ ଶିଳ୍ପ ପ୍ରତିଷ୍ଠା ସପକ୍ଷରେ ୮୩ ଜଣ ମତାମତ ଦେଇଥିବା ବେଳେ ମାତ୍ର ୬ ଜଣ ବିରୋଧ କରିଥିଲେ। କପଣ୍ଡ ଗ୍ରାମରେ କାଇ ଇଣ୍ଟର ନ୍ୟାଶନାଲ ତରଫରୁ ହେବାକୁ ଥିବା ପେଲେଟ ପ୍ଲାଣ୍ଟ ପାଇଁ ସପକ୍ଷ ଓ ବିପକ୍ଷଙ୍କ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ଧ୍ୟାନ ଦେବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଥିବା ଜଣାପଡ଼ିଛି।

## ଘରୁ ନାଗ ଉଦ୍ଧାର

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପଞ୍ଚରା ଗ୍ରାମର ଲକ୍ଷ୍ମଣ ନାଏକଙ୍କ ଘରୁ ରବିବାର ଏକ ୫ ଫୁଟ ଲମ୍ବା ନାଗ ସାପ ଉଦ୍ଧାର କରାଯାଇଛି। ତାଙ୍କ ଘରେ କିଛିଦିନ ତଳେ ଏହି ନାଗ ପଶିଥିଲା। ପରେ କୁଆଡେ ପଳାଇଯାଇଥିଲା। ତେବେ ଏହି ସାପ ପାଇଁ ତାଙ୍କ ଘର ଲୋକ ସବୁବେଳେ ଭୟଭୀତ ହୋଇ ରହୁଥିଲେ। ରବିବାର ହଠାତ ଏହି ସାପ ଘର ବାହାରେ ଦେଖିବାକୁ ମିଳିଥିଲା। ତା'ପରେ ସେ ପଞ୍ଚରା ମଝାପଡାର ସାପ ଧରାଳି ଶ୍ରୀକାନ୍ତ ଲାକଡା ଓ କୁନା କୁଜୁରକୁ ଖବର ଦେଇଥିଲେ। ସେମାନେ ଆସି ସାପକୁ ଧରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଛନ୍ତି।

### ଆଜି କ'ଣ କେଉଁଠି

ସୋନପୁର
- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର। ସ୍ଥାନ-ଡିଆରଡିଏ ସଭାଗୃହ, ସମୟ-ସକାଳ ୧୦ଟା।

### ସଂକ୍ଷେପରେ

## ୮ ପାକ୍ସରେ ସମ୍ପନ୍ନ ହେଲା ନିର୍ଦ୍ଦେଶକ ନିର୍ବାଚନ

ବିନିକା,୨୬।୬(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ୮ପାକ୍ସରେ ରବିବାର ନିର୍ଦ୍ଦେଶକ ନିର୍ବାଚନ ନେଇ ମତଦାନ ହୋଇଥିଲା। ବିନିକା ପାକ୍ସର ୧୫ ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ନିର୍ବାଚିତ ନିର୍ଦ୍ଦେଶକମାନେ ହେଲେ ପ୍ରକାଶ ଚନ୍ଦ୍ର ପଣ୍ଡା, ସୁଧାଂଶୁ ଶେଖର ଦାଶ, ବୀରେନ୍ଦ୍ର ପୋଦ୍ଦ, କୃଷ୍ଣଚନ୍ଦ୍ର ଦାଶ, ପ୍ରେମରାଜ ସେଠ, ନରେନ୍ଦ୍ର ଦଣ୍ଡସେନା, ବିନୋଦ ମଣ୍ଡଳ, ମହାବୀର ପ୍ରସାଦ ଅଗ୍ରୱାଲ, ଅଭିନାଷ ଗାଇଗରିଆ, ଆନନ୍ଦ ବାବୁ, ବିଦେଶିନୀ ଦାଶ, ତପସ୍ୱିନୀ ମେହେର, ସୁଧାଂଶୁ ପଣ୍ଡା, କଳ୍ପନା ପଣ୍ଡା ଓ ଭୁବନେଶ୍ୱର ପାତ୍ର। ସିଲାଟି ପାକ୍ସରେ ୬ନିର୍ଦ୍ଦେଶକ ପଦବୀ ନିମନ୍ତେ ନିର୍ବାଚନ ହୋଇଥିଲା। ସେହିସବୁ ଆସନରେ ନିର୍ବାଚିତ ନିର୍ଦ୍ଦେଶକମାନେ ହେଲେ ଜଗନାଥ ପର୍ଡିଆ, ଘନଶ୍ୟାମ ଖମାରୀ, ଟିକେଶ୍ୱରୀ ମହାନନ୍ଦ, କ୍ଷମାନିଧି ଝାଙ୍କର, ଭରତ ସାହୁ ଏବଂ ବିଶାଖା ଜାଲ। ବାଙ୍କିଘିର୍ଡି ପାକ୍ସରେ ୮ନିର୍ଦ୍ଦେଶକ ପାଇଁ ମତଦାନ ହୋଇଥିଲା। ଏହି ୮ଟି ଆସନରେ ଚନ୍ଦ୍ର ମହାପାତ୍ର, ବଳରାମ ଯୁଆଡି, ପୁଷ୍ପାଞ୍ଜଳି ବଡପଣ୍ଡା, ଶ୍ରୀଧର ମୁଦୁଲି, ଗୟା ପଧାନ, ଆଲ୍ଲା ଶ୍ରୀନିବାସ ରାଓ, ଅଜିତ ମହାନନ୍ଦ ଓ ମୀରା ବଡପଣ୍ଡା ବିଜୟୀ ହୋଇଛନ୍ତି। ସେଲେଡି ପାକ୍ସରେ ୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଭକ୍ତବନ୍ଧୁ ସାହୁ, ମୁରଲୀ କର୍ମୀ, ଭରତ ଚନ୍ଦ୍ର ଗାଇଗରିଆ, ବିଶ୍ୱନାଥ ପଧାନ ଓ ଶ୍ରୀକାନ୍ତ ନାଏକ ବିଜୟୀ ହୋଇଛନ୍ତି। ସଂଘିଯୁବା ପାକ୍ସରେ ପାଇଁ ୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା ହେଲା। ଏହି ୩ଟି ଆସନରୁ ଚିତ୍ରା ମହାକୁରନ୍ଦ୍, ଲକ୍ଷ୍ମଣ ପାଢ଼ୀ ଏବଂ ଶିବ ତ୍ରିପାଠୀ ବିଜୟୀ ହୋଇଛନ୍ତି। ମହଦାରେ ବୁଲୁ ପଧାନ, ବୃନ୍ଦାବନ ସା, ସତ୍ୟଭାମା ମାହାର, ମନୋଜ ପଧାନ, ନୀଳାମ୍ବର ଥପା ଓ ତେଜ ଭୋଇ ବିଜୟୀ ଘୋଷିତ ହୋଇଛନ୍ତି।

## ନିଶା ନିବାରଣ ଦିବସ ପାଳିତ

ଖଡ଼ିଆଲ,୨୬।୬(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ପୋଲିସ ପକ୍ଷରୁ ଖଡ଼ିଆଲ ବିଶ୍ୱ ଡ୍ରଗ୍ସ ନିଶା ନିରାକରଣ ଓ ଅବୈଧ ପରିବହନ ଦିବସ ଥାନାଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ନେତୃତ୍ୱରେ ପାଳିତ ହୋଇଛି। ଏଥିରେ ଏସଆଇ ନବଘନ ଗୌଡ଼, ରେବତୀ ଦୁର୍ଗା, ଦୁର୍ଗା ପ୍ରସାଦ ସାହୁ, ଦେବେନ୍ଦ୍ର ବିହାଣି, ବଳଭଦ୍ର ନାୟକ, ଧନେଶ୍ୱର ମାଝି, ଦେବାରଚନ ମାଝି, ତାରାକାନ୍ତ ବିଶ୍ୱାଳ, ଦୀନବନ୍ଧୁ ବାଗ, ଗଣପତି ସିଂବାବୁ, ପୀତାମ୍ବର ଶବର, ନିଳାମ୍ବର ଥପା, ଲବନେଶ୍ୱର ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖଡ଼ିଆଲ ଅବକାରୀ ବିଭାଗ ପକ୍ଷରୁ ଉପନିରୀକ୍ଷକ ତମ୍ବଧର ହରିଜନଙ୍କ ନେତୃତ୍ୱରେ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିଶା ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଖଡ଼ିଆଲ ସହର ପରିକ୍ରମା କରି ସଚେତନତା କରାଯାଇଛି। ଏହି ସମୟରେ ଏଏସଆଇ ଧନରାଜ ଦଣ୍ଡସେନା, ଏଏସଆଇ ଶିବ ପ୍ରସାଦ ଦୁରିଆ, ଏଏସଆଇ ରାମଚନ୍ଦ୍ର ଜାନୀ, ଭଗବାନ ହଂସ ପ୍ରମୁଖ ସାମିଲ ହୋଇଥିଲେ।

# ଦେଶ ଗଠନରେ ସହାୟକ ହୁଅନ୍ତୁ ବରିଷ୍ଠ ନାଗରିକ

### ଜିଲା ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ

ବଲାଙ୍ଗୀର ଅଫିସ, ୨୬।୬

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର ପଞ୍ଚମ ପ୍ରତିଷ୍ଠା ଦିବସ ତଥା ସାଧାରଣ ସଭା ସଦାଇପାଲି ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ରବିବାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମଞ୍ଚ ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ଅମରେନ୍ଦ୍ର ମିଶ୍ରଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବ ବୈଠକ ବିବରଣୀ ପାଠ କରାଯାଇଥିଲା। ସାଧାରଣ ସମ୍ପାଦକ ମନୋରଞ୍ଜନ ମିଶ୍ର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ନୂତନଭାବେ ଯୋଗ ଦେଇଥିବା ସଭ୍ୟ ମଥାମଣି ପଣ୍ଡା, ମହନ ସାହୁ, ଓଁପ୍ରକାଶ ସାହୁ, ବିମଳ ଚକ୍ରବର୍ତ୍ତି, ଯୁଗଳ କିଶୋର ମହାପାତ୍ର ଓ ଶ୍ୟାମ ସୁନ୍ଦର ମିଶ୍ରଙ୍କୁ ଏହି ଅବସରରେ ସ୍ୱାଗତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପୌରାଧ୍ୟକ୍ଷା ଲିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏଡିଏମ୍‌ଓ ଡା. କେସି ମହନ୍ତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ସୁନୀଲ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ବରିଷ୍ଠ ନାଗରିକଙ୍କ ଅବସର ବିନୋଦନ ପାଇଁ ଜିଲାପାଳ ଅତିଶୀଘ୍ର ଏକ କୋଠାଘର ପ୍ରଦାନ କରିବାକୁ ଯାଉଛନ୍ତି ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସାହୁ କହିଥିଲେ। ପୌରାଧ୍ୟକ୍ଷା ସାହୁ ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକମାନେ ପରିବାରର ମୂଳଦୁଆ ଓ ସେମାନେ ହିଁ ସମାଜ ଓ ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି କହିଥିଲେ। ନରେନ୍ଦ୍ର କବାଟ, କୋଷାଧ୍ୟକ୍ଷ ବିନୟ ମିଶ୍ର, ସଙ୍ଗଠନ ସମ୍ପାଦକ ଅଶୋକ ଚାନ୍ଦ, ଅଫିସ ସମ୍ପାଦକ ସୁରେନ୍ଦ୍ର ନେଗୀ, ଅଶୋକ ମିଶ୍ର, ଧନଞ୍ଜୟ ମିଶ୍ର, ଦ୍ୱାରିକାନାଥ ପଟେଲ, ମାଲିଆ ଗଉଡ଼ା, ଚିତ୍ତରଞ୍ଜନ ପଟେଲ, କୃଷ୍ଣଚନ୍ଦ୍ର ମହାକୁଡ଼, ହରେକୃଷ୍ଣ ପଟେଲ, ପୁରୁଷୋତ୍ତମ ପଣ୍ଡା, ପୀତବାସ ପଣ୍ଡା, ଗୌରଚନ୍ଦ୍ର ପୁରୋହିତ, ନିଳାଞ୍ଚଳ ଚିରଗୁନ ସଭାରେ ଯୋଗ ଦେଇଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୨୦୨


ସ୍ୱାସ୍ଥ୍ୟ ଶିବିରକୁ ମୁଖ୍ୟ ଅତିଥି ଉଦଘାଟନ କରୁଛନ୍ତି।

ବରଗଡ଼ ଅଫିସ୍,୨୬।୬

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ନିଷ୍ଠା ପରିବାର ଏବଂ କେୟାର ହସ୍ପିଟାଲ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ପୌରାଧ୍ୟକ୍ଷା କଳ୍ପନା ମାଝି, ବ୍ଲକ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡା, କେୟାର ହସ୍ପିଟାଲର ଜିଏମ୍ ଲୋକନାଥ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ କେୟାର ହସ୍ପିଟାଲର ଡା. ତାପସ ମିଶ୍ର, ଡା. ଦୀପକ ପରିଡ଼ା, ଡା. ଅଶୋକ ପଣ୍ଡା, ଡା. ମନିଷ ଶର୍ମା, ଡା. ପବିତ୍ର ମିଶ୍ର ପ୍ରମୁଖ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ। ଶିବିରରେ ୨୦୨ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ୧୨ଜଣ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହିତାଧିକାରୀଙ୍କ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ଆଗାମୀ ଦିନରେ ମାଗଣାରେ କେୟାର ହସ୍ପିଟାଲରେ ସେମାନଙ୍କ ମାଗଣା ଅସ୍ତ୍ରୋପଚାର କରାଯିବ ବୋଲି ସୂଚନା ଦିଆଯାଇଛି। ପବନ ଅଗ୍ରୱାଲ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ନିଷ୍ଠା ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ଏବଂ ଅନ୍ୟ ସଦସ୍ୟବୃନ୍ଦ ସହଯୋଗ କରିଥିଲେ।

# ଅଗ୍ନିପଥ ଯୋଜନା ବାତିଲ ଦାବିରେ ବିକ୍ଷୋଭ

ବଲାଙ୍ଗୀର ଅଫିସ,୨୬।୬



ଏଆଇଡିଏସ୍‌ଓ ପକ୍ଷରୁ ଅଗ୍ନିପଥ ସ୍କିମ୍ ବିରୋଧରେ ବଲାଙ୍ଗୀରରେ ରାଲି।

ଛାତ୍ର, ଯୁବ ସ୍ୱାର୍ଥ ବିରୋଧୀ ଅଗ୍ନିପଥ ଯୋଜନାକୁ ବାତିଲ କରି ଯୁବକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦାବିରେ ବିପ୍ଳବୀ ଯୁବ-ଛାତ୍ର ସଙ୍ଗଠନ ଏଆଇଡିଏସ୍‌ଓ ଏବଂ ଏଆଇଡିୱାଇଓ ବଲାଙ୍ଗୀର ଜିଲା କମିଟି ପକ୍ଷରୁ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଏକ ରାଲିର ଆୟୋଜନ କରାଯାଇଥିଲା। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରୁ ଏହି ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେନାର ସବୁ ବିଭାଗରେ ସ୍ଥାୟୀ ନିଯୁକ୍ତିକୁ ଉଚ୍ଛେଦ କରି ଠିକା ନିଯୁକ୍ତି ଦେବା ପାଇଁ କେନ୍ଦ୍ର ସରକାରଙ୍କ ଏହା ଷଡଯନ୍ତ୍ର ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଅଗ୍ନିପଥ ସ୍କିମ୍‌ରେ ୪ ବର୍ଷ ପରେ ଯୁବକମାନେ ବେକାର ହୋଇ ଅସହାୟ ହୋଇ ପଡିବେ। ବିମୁଦ୍ରୀକରଣ ନାଁରେ ରାଷ୍ଟ୍ରାୟତ୍ତଯୋଗକୁ ଘରୋଇ ପୁଞ୍ଜିପତିମାନଙ୍କୁ ଟେକି ଦେବା ଫଳରେ ବ୍ୟାପକ ମାତ୍ରାରେ କର୍ମନିଯୁକ୍ତି ହ୍ରାସ ପାଉଛି। ଏଭଳି ସ୍ଥଳେ ଛାତ୍ର, ଯୁବକଙ୍କ ଭବିଷ୍ୟତ ସହ ଖେଳ ଖେଳାଯାଉଛି ବୋଲି ବକ୍ତାମାନେ ବକ୍ତବ୍ୟରେ କହିଥିଲେ। ଯୁବକମାନେ ବିଭ୍ରାନ୍ତ ନ ହୋଇ ପ୍ରତିବାଦ ପାଇଁ ଆଗେଇ ଆସିବାକୁ ସଙ୍ଗଠନ ପକ୍ଷରୁ ଆହ୍ୱାନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ଜିଲା ସଭାପତି ରାଜେନ୍ଦ୍ର ରଣା, ସମ୍ପାଦକ ମଧୁସୂଦନ ବାଗ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁନୀଲ ଭୋଇ, ଏଆଇଡିୱାଇଓ ଜିଲା ସମ୍ପାଦକ ତାମସ ବେହେରା, ଗୌରୀ ରାଉତ, ଅହଲ୍ୟା ସାହୁ, ସିଦ୍ଧାନ୍ତ ମହାକୁର, ଜୁବୁଲି ଭୁଏ, ସିଦ୍ଧାନ୍ତ ସେଠ ସହ ବହୁ ଛାତ୍ର ଯୁବକ ସାମିଲ ଥିଲେ।

## ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଭାଜପାର ଧାରଣା

ସୋନପୁର,୨୬।୬(ନି.ପ୍ର.)

ସୁବର୍ଣ୍ଣପୁର ସହରର ବିକାଶ ମୂଳକ କାର୍ଯ୍ୟ କିଛି ବର୍ଷ ହେଲା ଠପ୍ ହୋଇଯାଇଛି। ଗତ ୩ ବର୍ଷ ଧରି ପ୍ରଶାସନିକ ଅଧିକାରୀଙ୍କ ହାତରେ ମ୍ୟୁନିସିପାଲିଟିର ଦାୟିତ୍ୱ ଥିବା ବେଳେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇପାରିନି। ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି। ସେହିପରି ବର୍ଷା ଋତୁ ପୂର୍ବରୁ ଡ୍ରେନ୍ ନିର୍ମାଣ ଓ ସଫେଇ କାର୍ଯ୍ୟ ନ ହୋଇ ଏବେ କରାଯାଉଛି। ଏହି ସମସ୍ୟାକୁ ନେଇ ଭାଜପାର ଏକ ପ୍ରତିନିଧି ଦଳ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିବାକୁ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଏହି ସମୟରେ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍‌ଙ୍କ ସମେତ କର୍ମଚାରୀ ମାନେ ଅନୁପସ୍ଥିତ ଥିଲେ। ଭାଜପା ପ୍ରତିନିଧିମାନେ ଏଥିରେ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟାଳୟ ସମ୍ମୁଖରେ ନାରା ବାଜି କରିବା ସହ ଧାରଣା ଦେଇଥିଲେ। ନୂତନ ଷ୍ଟଲ ନିର୍ମାଣ, ମୁକ୍ତା ଯୋଜନା, ସ୍ମାର୍ଟ ପାର୍କ ନିର୍ମାଣ ଓ କୋଭିଡ୍ ସମୟରେ ପୁରାତନ ଟାଉନ ହଲ ମରାମତି ନାମରେ ବଡ ଧରଣର ଦୁର୍ନୀତି ହୋଇଥିବା କାଉନସିଲର ଗଙ୍ଗାଧର ତରିଆ ଓ ସୁକାନ୍ତ କୁମାର ସାହୁ ଅଭିଯୋଗ କରିଛନ୍ତି। ଏହି ଧାରଣାରେ ସ୍ୱରୂପ ପାତ୍ର, ସୁରୁବାବୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ମାତ୍ର ନିର୍ବାହୀ ଅଧିକାରୀ କିମ୍ବା କୌଣସି କର୍ମଚାରୀ ଦୀର୍ଘ ସମୟ ଧରି କାର୍ଯ୍ୟାଳୟକୁ ଆସି ନ ଥିଲେ। ତେଣୁ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

## ଆରଏସ୍‌ପିରୁ ଚୋରି: ଯୁବକ ଗିରଫ

ରାଉରକେଲା ଅଫିସ,୨୬।୬

ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ଭିତରୁ ଚୋରି ଅଭିଯୋଗରେ ଟାଙ୍ଗରପାଲି ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗରପାଲି ଥାନା ନବକୃଷ୍ଣନଗରର ମୁରଲି ମହାନ୍ତ(୨୮)। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ମୁରଲି ଶନିବାର ବିଳମ୍ବିତ ରାତିରେ ଆରଏସ୍‌ପିର ଏସ୍‌ଏମ୍‌ଏସ୍-୨ରେ ଥିବା ଷ୍ଟକ୍‌ୟାର୍ଡରୁ ୪୦ କେଜି କପର ତାର ଚୋରି କରୁଥିବା ବେଳେ ସିଆଇଏସ୍‌ଏଫ ଯବାନଙ୍କ ହାତରେ ଧରାପଡ଼ିଥିଲେ।

# ଲୋଇସିଂହା ବ୍ଲକରେ ସମବାୟ ନିର୍ବାଚନ

ଲୋଇସିଂହା,୨୬।୬(ଡି.ଏନ.ଏ)


ଯୋଗୀସର୍ଡା ସେବା ସମବାୟ ସମିତି ଆଗରେ ନିର୍ବାଚିତ ପ୍ରାର୍ଥୀ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୧୦ କୃଷି ସମବାୟ ସମିତିରେ ଡାଇରେକ୍ଟର ପଦବୀ ପାଇଁ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତିର ୧୫ୱାର୍ଡ ମଧ୍ୟରୁ ୩,୧୦ ଏବଂ ୧୫ ନଂ ୱାର୍ଡ ପାଇଁ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିର୍ବାଚନ ହୋଇଥିଲା। ୩ନଂ ୱାର୍ଡ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସେବକ ରଣା ୧୫ଖଣ୍ଡ ଭୋଟ ପାଇଥିବାବେଳେ ପ୍ରହ୍ଲାଦ ସାହୁ ୧୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ୧୦ନଂ ୱାର୍ଡରେ ବିଜୟ କୁମାର ସାହୁଙ୍କୁ ୩ଖଣ୍ଡ ଭୋଟ ବ୍ୟବଧାନରେ ହରାଇ ଶିବ ପ୍ରସାଦ ସାହୁ ବିଜୟୀ ହୋଇଛନ୍ତି। ସେହିପରି ୧୫ ନଂ ୱାର୍ଡରେ ଜଗମୋହନ ସାହୁଙ୍କୁ ହରାଇ ଶାନ୍ତନୁ ସାହୁ ବିଜୟୀ ହୋଇଛନ୍ତି। ଉକ୍ତ ସମିତିର ବିଭିନ୍ନ ୱାର୍ଡରୁ ସୁଶାନ୍ତ ବାରିକ, ସହଦେବ ସା, ଉଦୟ ବାଗ, ଲେକୁ ବାଗ, ଛନ୍ଦାଚରଣ ଖମାରୀ, ସୁଶାନ୍ତ ଧରୁଆ, ବାଳଗୋପାଳ ସାହୁ, ହୃଷିକେଶ ବାରିକ. ନିଶାମଣୀ ସାହୁ, ସୁବା ଖମାରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତିର ୧ରୁ ୯ ଯଥାକ୍ରମେ ପ୍ରଦୀପ କୁମାର ତ୍ରିପାଠୀ, ଲେକୁ ସାହୁ, ରଙ୍କମଣୀ ବିଶ୍ୱାଳ, ଗୌର ସେଠ, ସନ୍ୟାସୀ ନାଏକ, ସମ୍ପତ ନନ୍ଦ, ସୁବାଷିନୀ ଦୁଆ, ପାଣ୍ଡବ ବାଗ, ହୃଦୟାନନ୍ଦ ବେହେରା ଓ ମାର୍କଣ୍ଡ ବିଶ୍ୱାଳ ବିଜୟୀ ହୋଇଛନ୍ତି। ସେହିପରି ୧୦ ,୧୪ ଏବଂ ୧୫ ନଂ ୱାର୍ଡରୁ ଯଥାକ୍ରମେ ମାଟୁ ଡାଙ୍ଗ, ସୁନୀଲ ଦାସ ଏବଂ ତରୁଣ ଧରୁଆ ନିର୍ଦ୍ୱନ୍ଦ୍ୱରେ ନିର୍ବାଚତ ହୋଇଛନ୍ତି। କନ୍ଦାଜୁରୀ ସମିତି ପାଇଁ ଅନୁଷ୍ଠିତ ନିର୍ବାଚନରେ ରବୀନ୍ଦ୍ର ପଟେଲ, ବେଲାରସିଂ ଧରୁଆ, ରାଜକୁମାର ରାଉତ, ଲକ୍ଷ୍ମଣ ଧରୁଆ, ରାମପ୍ରସାଦ ଖମାରୀ, ରମେଶ ତାଣ୍ଡି, ଲିଙ୍ଗରାଜ ଧରୁଆ, ଭଗବାନ ଧରୁଆ ବିଜୟୀ ହୋଇଛନ୍ତି। ୭ ,୧୧. ୧୨, ୧୩, ୧୪ ର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୧୦ ସମିତି ମଧ୍ୟରୁ ଲୋଇସିଂହା ସମିତରେ ସମସ୍ତ ୱାର୍ଡରେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚତ ହୋଇଛନ୍ତି।

OFFICE OF THE DISTRICT CONSUMER DISPUTES REDRESSAL COMMISSION, ANGUL
No.263(3), Date:4.6.2022
Empanelment for the post of Mediator in the Office of District Consumer Disputes Redressal Commission, Angul
"Applicant desirous to be empanelled as Mediator may download application form from State C.D.R. Commission website www.scdrc.odisha.gov.in.
Sd./- President
D.C.D.R.C., Angul

# ନିଶା ନିବାରଣକୁ ଗୁରୁତ୍ୱ



ନିଶା ନିବାରଣ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୨୬।୬

ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ସଭାଗୃହରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ପାଳିତ ହୋଇଛି। ଜିଲା ପ୍ରଶାସନ ଓ ଅବକାରୀ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ଫଣ୍ଡ କଲେଜ ଅଧ୍ୟକ୍ଷ ସରୋଜ ଦେବତା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ମୁଖ୍ୟ ବକ୍ତା, ଅବକାରୀ ଅଧୀକ୍ଷକ ପ୍ରଦୀପ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ବକ୍ତାମାନେ ଛାତ୍ରୀଛାତ୍ରଙ୍କୁ ନିଶା ବ୍ୟବହାରର କୁପରିଣାମ ଉପରେ ସୂଚନା ଦେଇ ଏଥିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଅବକାରୀ ଏବଂ ଟ୍ରଷ୍ଟ ଫଣ୍ଡ କଲେଜର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମହାରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ

ପଲମ,୨୬।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ପଲମ ପଞ୍ଚାୟତସ୍ଥିତ ଖଇରମାଳରେ ମହାରାଣୀ ଦୁର୍ଗାବତୀଙ୍କ ୪୫୮ତମ ବଳିଦାନ ଦିବସ ରବିବାର ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସଭାପତି ପଦ୍ମନ ପାତ୍ର ସଭାପତିତ୍ୱ କରିଥିବା ବେଳେ ମହା ସଚିବ ଲୋଚନ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଡୋଳାମଣି ଧରୁଆ ସରକାରୀ ପ୍ରଫେସର କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ମୁଖ୍ୟବକ୍ତା ଗୌତମ ପାତ୍ର ସାଂସ୍କୃତିକ ମହା ସଚିବ ଓଡିଶା ପ୍ରଦେଶ କମିଟି, ଉପସଭାନେତ୍ରୀ ଅନିତା ପାତ୍ର, ମହିଳା ସଭାନେତ୍ରୀ ଲଳିତା ପାତ୍ର, କାନ୍ତୀ ପାତ୍ର ସଭାନେତ୍ରୀ ଲାଞ୍ଜିଗଡ, ନିଳାମ୍ବର ପାତ୍ର ଶିକ୍ଷା ଅଧ୍ୟାପକ ଜେ.କେ କଲେଜ ରିଷିଡା, ଜଳନ୍ଧର ପାତ୍ର, ମହେନ୍ଦ୍ର ଧରୁଆ, ଭରତ ଧରୁଆ, କୁମୁଦ ପାତ୍ର ତଥା ସମସ୍ତ ଆଞ୍ଚଳିକ ଓ ଜିଲାର କର୍ମକର୍ତ୍ତାଙ୍କ ଉପସ୍ଥିତ ରହିଥିଲେ। ସାମାଜିକ ରିତୀନିତୀ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଉନ୍ନତି ଦିଗରେ ଆଲୋଚନା କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ସମାଜର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଭାରତୀୟ ଗଣ୍ଡୱାନା ଗୋଣ୍ଡ ମହାସଭା ଦ୍ୱାରା ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପଲମ ଆଞ୍ଚଳିକ ସଭାପତି ମହେନ୍ଦ୍ର ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ପଲମ ପଞ୍ଚାୟତସ୍ଥିତ ଖଇରମାଳରେ ମହାରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସରେ ମଞ୍ଚାସୀନ ଅତିଥି।

# ମାଟିର ମାନ ସହ ସାଲିସ କରାଯିବ ନାହିଁ

### ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

- ମାଟିବନ୍ଧ ମାଟି ତଦାରଖ କଲେ ୧୦ ଜଣିଆ ଉଚ୍ଚସ୍ତରୀୟ ଟିମ୍
- ଡ୍ୟାମ୍‌ରେ ବ୍ୟବହୃତ ମାଟି ଉପଯୁକ୍ତ ମାନର: ମୁଖ୍ୟଯନ୍ତ୍ରୀ


ଲୋୟର ସୁକ୍‌ତେଲ ପ୍ରକଳ୍ପ ମାଟିବନ୍ଧ ଉପରେ ଗୁଣ ପ୍ରତ୍ୟାଭୂତି ବିଭାଗର ଉଚ୍ଚସ୍ତରୀୟ ଟିମ୍ ତଦାରଖ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୬।୬

ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଡ୍ୟାମ୍‌ରେ ବ୍ୟବହୃତ ମାଟି ତଦାରଖ କରିବା ପାଇଁ ଭୁବନେଶ୍ୱରସ୍ଥିତ ଗୁଣ ପ୍ରତ୍ୟାଭୂତି ବିଭାଗ ମୁଖ୍ୟଯନ୍ତ୍ରୀ ଇଂ ବ୍ରଜକିଶୋର ପରିଡାଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଉଚ୍ଚସ୍ତରୀୟ ଟିମ୍ ଡ୍ୟାମ ସାଇଟ୍ ପରିଦର୍ଶନ କରି ଫେରିଛନ୍ତି। ଏହି ଉଚ୍ଚସ୍ତରୀୟ ଟିମ୍ ସହ ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟନିର୍ମାଣ ଯନ୍ତ୍ରୀ ଇଂ ନିରଞ୍ଜନ ରାଉତ୍, ଡ୍ୟାମ୍ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ ନିର୍ବିଘ୍ନ ଭୋଇ, ଗୁଣ ପ୍ରତ୍ୟାଭୂତି ଡିଭିଜନ୍‌ର ଅଧିକାରୀ, ଓସିସି ଅଧିକାରୀ, ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଲୋୟର ସୁକ୍‌ତେଲ ଡ୍ୟାମର ମାଟିବନ୍ଧ ଉପରେ ପକାଯାଉଥିବା ମାଟିର ମାନ ଯାଞ୍ଚ କରାଯାଇଥିଲା। ଯେଉଁ ସ୍ଥାନରୁ ମାଟି ଉଠାଯାଉଛି ସେଠାକୁ ମଧ ଏହି ଉଚ୍ଚସ୍ତରୀୟ ଟିମ୍ ଗସ୍ତ କରିଥିଲେ। କିଭଳି ଭାବେ ମାଟିବନ୍ଧ କାମ ଚାଲିଛି ଏବଂ ଏହାର ମାନ କ'ଣ ରହିଛି ଏହି ଉଚ୍ଚସ୍ତରୀୟ ଟିମ୍ ସମ୍ପୂର୍ଣ୍ଣ ଯାଞ୍ଚ କରିବା ପରେ ବନ୍ଧରେ ବ୍ୟବହୃତ ମାଟି ଉପଯୁକ୍ତ ମାନର ବୋଲି ଉଚ୍ଚସ୍ତରୀୟ ଟିମ୍ ପକ୍ଷରୁ କୁହାଯାଇଥିଲା।

ଲୋୟର ସୁକ୍‌ତେଲ ଡ୍ୟାମର ମାଟିବନ୍ଧ କାମ, ମାଟିର ମାନ ଯାଞ୍ଚ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାମ ତଦାରଖ କରିବାକୁ ଭୁବନେଶ୍ୱରରୁ ଓଡିଶା ସରକାରଙ୍କ ନିର୍ଦ୍ଦେଶରେ ଗୁଣ ପ୍ରତ୍ୟାଭୂତି ବିଭାଗ ମୁଖ୍ୟଯନ୍ତ୍ରୀ ପରିଡାଙ୍କ ସହ ୧୦ ଜଣିଆ ଟିମ୍ ବଲାଙ୍ଗୀର ଗସ୍ତରେ ଆସି ମାଗୁରବେଡା ସ୍ଥିତ ଡ୍ୟାମ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ଗୁଣ ପ୍ରତ୍ୟାଭୂତି ବିଭାଗ ମୁଖ୍ୟଯନ୍ତ୍ରୀ ପରିଡା କହିଛନ୍ତି ଯେ, ଏହି ଉଚ୍ଚସ୍ତରୀୟ ଟିମ୍ ଲୋୟର ସୁକ୍‌ତେଲ ଡ୍ୟାମ୍ ମାଟିବନ୍ଧ, ବୋରୋ ଏରିଆ ପରିଦର୍ଶନ କରିଥିଲେ। ମାଟିବନ୍ଧରେ ପକାଯାଉଥିବା ମାଟିର ଟିକିନିକି ପରୀକ୍ଷା ନିରୀକ୍ଷା କରାଯାଇଥିଲା। ମାଟିର ମାନ ଓ ଗୁଣ ପରୀକ୍ଷା କରାଯାଇଥିଲା। ବନ୍ଧ (ଡ୍ୟାମ୍)ରେ ପକାଯାଉଥିବା ମାଟିରେ କୌଣସି ପ୍ରକାର ମାନରେ ଖିଲାପ କରାଯାଉନାହିଁ ଏବଂ ଉପଯୁକ୍ତ ମାଟି ବ୍ୟବହାର ହୋଇଛି। ଡ୍ୟାମ୍ ନିର୍ମାଣରେ କୌଣସି ସ୍ତରରେ ମାନ ସହ ସାଲିସ କରାଯିବ ନାହିଁ ଏବଂ ସେଦିଗରେ ବିଭାଗ ସମ୍ପୂର୍ଣ୍ଣ ସଚେତ ରହିଛି ବୋଲି ମୁଖ୍ୟଯନ୍ତ୍ରୀ ପରିଡା କହିଥିଲେ। ଯେଉଁସ୍ଥାନରୁ ମାଟି ଉଠାଯାଇଛି ସେଠାରେ ମୋରମ୍ ବାହାରିବା ପରେ ତାକୁ ଛାଡି ଦେଇଥିବାରୁ ନିର୍ମାଣକାରୀ ସଂସ୍ଥାକୁ ସେ ପ୍ରଶଂସା କରିଥିଲେ। ଏହି ପରିଦର୍ଶନ ସମୟରେ ଲୋୟର ସୁକତେଲ ପ୍ରକଳ୍ପ ଡିଭିଜନର ବିଭିନ୍ନ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

**ଲୋଇସିଂହା,(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା -ପଟ୍ଟନାଗଡ଼ ରାସ୍ତାର ହନୁମାନ ଛକରେ ରବିବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଥିବା ୩ ବାଇକ ଆରୋହୀ ଗୁରୁତର ହୋଇଥିଲେ। ସେମାନେ ହେଲେ ଲୋଇସିଂହା ଥାନା ଭରସୁଜା ଗ୍ରାମର ଉଦୟ ସାହୁ, ସୁବର୍ଣ୍ଣପୁର ଜିଲା ତରଭା ଥାନା ଗୁହୁରିଆଘାଟ ଗ୍ରାମର ରବୀନ୍ଦ୍ର ଡାଙ୍ଗ ଓ ବଲାଙ୍ଗୀର ସଦର ଥାନା ମୁଣ୍ଡାପରାର ସତ୍ୟବ୍ରତ ପଧାନ। ଲୋଇସିଂହା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

# ଭାରରେ ବୁହା ହେଲେ ରୋଗୀ

- ଜଙ୍ଗଲ ବିଭାଗରୁ ମିଳିନି ଅନୁମତି
- ରାସ୍ତା କାମ ଅଧାରୁ ବନ୍ଦ
- ମୌଳିକ ସୁବିଧାରୁ ବଞ୍ଚିତ ବିକ୍ରମପୁରବାସୀ

**ଖଡ଼ିଆଳ,୨୬।୬(ଡି.ଏନ.ଏ.)**

ସରକାର ଲୋକଙ୍କ ପାଇଁ ରାସ୍ତା, ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଶିକ୍ଷା, ପିଡିଏସ୍ ଭଳି ଅନେକ ଯୋଜନା କରୁଛନ୍ତି। କିନ୍ତୁ ଏବେ ମଧ୍ୟ ଅନେକ ଗାଁରେ ଏସବୁ ଯୋଜନା ଅପହଞ୍ଚ। ବିଶେଷ କରି ରାସ୍ତା ନ ଥିବାରୁ ମୌଳିକ ସୁବିଧା ପହଞ୍ଚି ପାରୁନାହିଁ। ଫଳରେ ରୋଗୀଙ୍କୁ ଭାରରେ ବୋହି ନିଆଯାଉଛି। ଏଭଳି ଏକ ଘଟଣା ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଦାବରି ଗ୍ରାମପଞ୍ଚାୟତ ବିକ୍ରମପୁର ଗାଁରେ ଦେଖିବାକୁ ମିଳିଛି। ସୂଚନା ଯେ, ବିକ୍ରମପୁର ଗାଁରେ ୭୦ ପରିବାର ବାସ କରୁଥିବା ବେଳେ ଜନସଂଖ୍ୟା ୩୮୦। ଖଡ଼ିଆଳଠାରୁ ୧୫ କି.ମି. ଭାଲୁଡୁଙ୍ଗରି ଗାଁ ଯିବା ପରେ ୪ କି.ମି. ଜଙ୍ଗଲ ରାସ୍ତା ଯିବାକୁ ପଡେ। ବହୁ କଷ୍ଟରେ ଦୁଇ ଚକିଆ ଯାନ ଯାଇପାରେ। କିନ୍ତୁ ରାସ୍ତା ସାରା ଖାଲଢ଼ିପ ଓ ପଥର ଭର୍ତ୍ତି। ଆମ୍ବୁଲାନ୍ସ ଆସି ପାରେନି ବୋଲି ଗର୍ଭବତୀ ଓ ରୋଗୀଙ୍କୁ ଭାରରେ ବୋହି ଭାଲୁଡୁଙ୍ଗରି ଗାଁ ପାଖକୁ ନିଆଯାଏ। ସେଠାରୁ ଆମ୍ବୁଲାନ୍ସରେ ନେବାକୁ ପଡେ। ୨୦୧୭-


ରାସ୍ତା ନ ଥିବାରୁ ଜଣେ ରୋଗୀଙ୍କୁ ଭାରରେ ବୋହି ନିଆଯାଉଛି।

୧୮ରେ ବିରିଘାଟଠାରୁ ବିକ୍ରମପୁର ଭାୟା କୋଦାଲଡୁଙ୍ଗରି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ଆରମ୍ଭ କରାଯାଇଥିଲା। ଏହା ୨.୧ କି.ମି. ରାସ୍ତା ନିର୍ମାଣ ପରେ ଜଙ୍ଗଲ ବିଭାଗ ଅନୁମତି ନ ଦେବାରୁ ୨.୯ କି.ମି. ରାସ୍ତା କାମ ଅଧାରୁ ବନ୍ଦ ରହିଥିଲା। ଏହାର ତୁରନ୍ତ ପ୍ରତିକାର କରି ଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଗାଁର ସମସ୍ୟା ନେଇ ଗ୍ରାମବାସୀ ଅନେକ ଥର ବିଡିଓ, ଜିଲାପାଳଙ୍କ ସମେତ ଜନପ୍ରତିନିଧିଙ୍କୁ ଜଣାଇଛନ୍ତି। କିନ୍ତୁ ଆଜିଯାଏ କୌଣସି ସୁଫଳ ମିଳିନାହିଁ। ଗାଁରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଯାଏ। କିନ୍ତୁ ରାସ୍ତା ଖରାପ ହେତୁ ଶିକ୍ଷକମାନେ ସବୁଦିନ ଆସି ପାରନ୍ତିନାହିଁ। ଅଷ୍ଟମ ପାସ ପରେ ଅନେକ ଛାତ୍ରୀଛାତ୍ର ଆଉ ପଢ଼ନ୍ତି ନାହିଁ। ଜଙ୍ଗଲ ରାସ୍ତାରେ ଯିବା ପାଇଁ କାହାରି ସାହସ ହୁଏନାହିଁ। ବାର୍ଦ୍ଧକ୍ୟ, ବିଧବା ଭତ୍ତା ଓ ରାଶନ ସାମଗ୍ରୀ ପାଇଁ ବହୁତ ହଇରାଣ ହୁଅନ୍ତି ଗ୍ରାମବାସୀ। ଭତ୍ତା ପାଇଁ ବୃଦ୍ଧାବୃଦ୍ଧମାନେ ନାହିଁ ନ ଥିବା ଅସୁବିଧା ଭୋଗନ୍ତି। ଗାଁରେ ରାଶନ ସାମଗ୍ରୀ ବଣ୍ଟନ କରିବାକୁ ଲୋକଙ୍କ ଦାବିକୁ ପ୍ରଶାସନ ଶୁଣୁନାହିଁ। କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ଗାଁରେ ପଡେନାହିଁ ବୋଲି ଅଭିଯୋଗ ହେଉଛି। ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ଚରଣ ମୁଣ୍ଡାଙ୍କୁ ପଚାରିବାରୁ ଖଡ଼ିଆଳ ଡିଏଫଓଙ୍କୁ ଏ ନେଇ ଅବଗତ କରାଯାଇଛି ଓ ଅନୁମତି ମିଳିଲା ପରେ ରାସ୍ତା କାମ ଆରମ୍ଭ ହେବ ବୋଲି କହିଥିଲେ। ଏଥିପ୍ରତି ଜିଲା ତଥା ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ବିକ୍ରମପୁର ଗାଁକୁ ରାସ୍ତା ନିର୍ମାଣ କରିବା ଜରୁରୀ ହୋଇ ପଡ଼ିଛି।

# ୨୦୧୭ରୁ ଆରମ୍ଭ ହୋଇ ଏଯାଏ ଲୋକାର୍ପଣ ହୋଇନି


ଭବାନୀପାଟଣା ଟାଉନ ହଲ।

**ଭବାନୀପାଟଣା,୨୬।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରର ଟାଉନହଲ ନିର୍ମାଣ ୨୦୧୭ରୁ ଆରମ୍ଭ ହୋଇଛି। କିନ୍ତୁ ଏଯାଏଁ ତାହା ଲୋକାର୍ପଣ ହୋଇନାହିଁ। ଏ ପର୍ଯ୍ୟନ୍ତ ୪ କୋଟି ଟଙ୍କା ବ୍ୟୟରେ କୋଠା ନିର୍ମାଣ ହୋଇସାରିଛି। ଅଥଚ ସାଉଣ୍ଡ ଓ ଲାଇଟ ବ୍ୟବସ୍ଥା ନାହିଁ। ଟାଉନ ହଲ କେବେ ସମ୍ପୂର୍ଣ୍ଣ ହେବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶେଷ ହେବା ପାଇଁ ଡବ୍ଲ୍ୟୁଓଡିସି ଅନୁଦାନ ଭରସାରେ ଥିବାରୁ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିବାକୁ ସହରବାସୀ ଦାବି କରିଛନ୍ତି।

୨୦୧୭-୧୮ରେ ୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଟାଉନ ହଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥି ମଧ୍ୟରୁ ୩ କୋଟି ୮୦ ଲକ୍ଷ ଟଙ୍କା ଅନୁଦାନ ମିଳିସାରିଛି। ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ଚକାଚକ ଟାଉନ ହଲ କୋଠା ନିର୍ମାଣ ସରିଛି। କିନ୍ତୁ ଲାଇଟ, ସାଉଣ୍ଡ, ଡିଜିଟଟେକ, ଏସି, ଫର୍ନିଚର ନ ଥିବା ଯୋଗୁ ଟାଉନ ହଲ ଲୋକାର୍ପଣ ହୋଇପାରୁନାହିଁ। ଏହି ଟାଉନ ହଲକୁ ଡବ୍ଲ୍ୟୁଓଡିସି ଅଧକ୍ଷ ଓ ନିର୍ବାହୀ ଅଧିକାରୀ ବିଭିନ୍ନ ସମୟରେ ଗସ୍ତ କରି ଅନୁଦାନ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଏ ପର୍ଯ୍ୟନ୍ତ ଅନୁଦାନ ଆସିବାର ନାଁ ଧରୁନି। ଫଳରେ ଟାଉନ ହଲ ଲୋକାର୍ପଣ ମରୀଚିକା ପାଲଟିଛି। ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାରେ କୌଣସି ସଭା କଲେ ଟେଣ୍ଟ ହାଉସର ଖୁଣ୍ଟ ପୋତି ଲାଇଟ ଓ ସାଉଣ୍ଡ ଭଡାରେ ଆଣିବାକୁ ପଡିବ। ଦୂରଦୃଷ୍ଟି ଅଭାବ ଯୋଗୁ ଟାଉନ ହଲ ନିର୍ମାଣରେ ଏଭଳି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। କୌଣସି କାର୍ଯ୍ୟକ୍ରମ କଲେ ଅଧିକ ଭଡା ଦେଇ ଟାଉନ ହଲ ବୁକ କରି ଟେଣ୍ଟ ହାଉସ ଭଡା ଆଣିବା ବ୍ୟୟ ସାପେକ୍ଷ। ଏ ନେଇ ଜିଲା ପ୍ରଶାସନ କିମ୍ବା ଜନପ୍ରତିନିଧି ରାଜ୍ୟ ସରକାରଙ୍କ ଉପରେ କୌଣସି ଦାବି ଉପସ୍ଥାପନ କରୁ ନ ଥିବା ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସହରବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଖପ୍ରାଖୋଲ ପାକ୍ସ: ୭ ନିର୍ଦ୍ଦେଶକ ନିର୍ବାଚିତ

**ଖପ୍ରାଖୋଲ,୨୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ୭ ନିର୍ଦ୍ଦେଶକ ପଦ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ମୋଟ ୧୫ ନିର୍ଦ୍ଦେଶକ ପଦବୀ ଥିବାବେଳେ ଦୁଇଟିରେ ଭୋଟର ନ ଥିବାରୁ ୧୩ଟି ପଦ ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା। ନାମାଙ୍କନ ବେଳେ ୬ ନିର୍ଦ୍ଦେଶକ ପଦବୀ ପାଇଁ ଜଣେ ଲେଖାଏ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ହରିହର ପଧାନ, ରାଜେନ୍ଦ୍ର ଭୋଇ, ଧନଞ୍ଜୟ ଭୋଇ, ମୋହନ ସୁନା, ଗଣେଶ ସାହୁ, ସାଗର ବରିହା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବାକି ୭ ନିର୍ଦ୍ଦେଶକ ପଦ ପାଇଁ ରବିବାର ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟଠାରେ ନିର୍ବାଚନ ହୋଇଥିଲା। ଏଥିରେ ଭୂମିସୁତା ପଧାନ, ଗୁଣମଣୀ ଭୋଇ, ଲକ୍ଷ୍ମଣ ଭୋଇ, ଦୟାସାଗାର ଭୋଇ, ଗୋପାଳ ସାହୁ, ଶ୍ରୀଧର ପୁଟା, ବାବୁଲାଲ ଭୋଇ ପ୍ରମୁଖ ବିଜୟୀ ହୋଇଛନ୍ତି । ନିର୍ବାଚନ ଅଧିକାରୀ କର୍ମବୀର ସିଂ ତାଣ୍ଡି, ପ୍ରିଜାଇଡିଂ ଅଫିସର ଲୋକନାଥ ରଣା, ପୁଲିଙ୍ଗ ଅଫିସର ଭାବେ ଜ୍ୟୋତିର୍ମୟ ନନ୍ଦ ନିର୍ବାଚନ ପରିଚାଳନା କରିଥିଲେ।

### ରଥଯାତ୍ରା ପ୍ରସ୍ତୁତି ବୈଠକ

**ଖପ୍ରାଖୋଲ,୨୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପରିସରରେ ରଥଯାତ୍ରା ପାଇଁ ପ୍ରାକ ପ୍ରସ୍ତୁତି ବୈଠକ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ଅଧକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇଥିଲେ। ରଥଯାତ୍ରା ପରିଚାଳନା ପାଇଁ ଗ୍ରାମସ୍ତରରେ ସ୍ୱେଚ୍ଛାସେବୀ କମିଟି ଗଠନ, ରଥଯାତ୍ରା ବେଳେ ଗାଁ ମାନଙ୍କରେ ବେଆଇନ ମଦ, ଜୁଆ ସମ୍ପୂର୍ଣ୍ଣ ନିଷେଧ କରିବା, ଭିଡ଼ ନିୟନ୍ତ୍ରଣ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କମିଟି ଓ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଖପ୍ରାଖୋଲ ଥାନା ଅଞ୍ଚଳର ୩୦ ଗାଁର ଗ୍ରାମ କମିଟି, ମନ୍ଦିର କମିଟି, ରଥଯାତ୍ରା କମିଟି କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଏଏସଆଇ ସେୱାନ କେରକେଟା, ନାରାୟଣ ସାହୁ, ଗୋପାଳକୃଷ୍ଣ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଅଭିଯାନ

**କଣ୍ଟାବାଞ୍ଜି,୨୬।୬(ଡି.ଏନ.ଏ.):** ଟାଟା ପାୱାର ପଶ୍ଚିମ ଓଡିଶା ବିଦ୍ୟୁତ୍ ବଣ୍ଟନ ଲିମିଟେଡ କଣ୍ଟାବାଞ୍ଜି ସବ୍ ଡିଭିଜନ ପକ୍ଷରୁ ରବିବାର ତୃତୀୟ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଅଭିଯାନର ଶୁଭାରମ୍ଭ କରାଯାଇଛି। ଜୁଲାଇ ୨ତାରିଖ ଯାଏ ହେବାକୁ ଥିବା ଜିରୋ ହାର୍ମ କାର୍ଯ୍ୟକ୍ରମରେ ସମସ୍ତ ବିଦ୍ୟୁତ୍ କର୍ମଚାରୀଙ୍କୁ ତାଲିମ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟରତ ସମସ୍ତ ଲାଇନମ୍ୟାନ, ହେଲପରଙ୍କୁ ଟ୍ରାନ୍ସଫର୍ମର ମେଣ୍ଟେନାନ୍ସ, ଏବି ସ୍ୱିଚ ମରାମତି, କେବୁଲ ସଂଯୋଗ, ଢିଲା ବିଦ୍ୟୁତ୍ ସଂଯୋଗ ଏଡାଇବା, ବିଦ୍ୟୁତ୍ ଅଗ୍ନିକୁ ନିବାରଣ କୌଶଳ, ୩୩ ଓ ୧୧ କେଭି ତାର ଉପରେ ଯାଇଥିବା ଗଛ ଲତାକୁ କାଟିବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ବେହେରା ଛକ, ଆଶ୍ରମପଡା, ଜେଏମଜେ ସ୍କୁଲ ତଥା ୩୩/୧୧ ଗ୍ରୀଡ ପରିସରରେ ହୋଇଥିଲା। ବ୍ରେକ ଡାଉନ ଇଞ୍ଜିନିୟର ଅଜୟ ବେହେରା, ସବିର କୁମାର ପଣ୍ଡା, ଲାଇନମ୍ୟାନ ଟଙ୍କା ଠେଲା, ସୁଶାନ୍ତ ଭୋଇ, ଉତ୍ତମ ପ୍ରଧାନ, ଜଗଦୀଶ ଠେଲା, କୁଳମଣି ବାଗଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି ।

### ସରପଞ୍ଚ ସଂଘ ବୈଠକ

**ଦେଓଗାଁ,୨୬।୬(ଡି.ଏନ.ଏ.):** ବଲାଙ୍ଗୀର ଦେଓଗାଁ ବ୍ଲକ କୁଡୁର୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ସରପଞ୍ଚ ସଂଘ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୨୧ ପଞ୍ଚାୟତର ସରପଞ୍ଚ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କେତେକ ପଞ୍ଚାୟତରେ ଇ.ଓମାନେ ଉନ୍ନୟନମୂଳକ କାମରେ ସହଯୋଗ କରୁ ନ ଥିବା ଅଭିଯୋଗ ଉଠିଥିଲା । ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କୋଠରି କରିବା ପାଇଁ ମତ ପ୍ରକାଶ ପାଇଥିଲା । ସରପଞ୍ଚ ସଂଘ ସମ୍ପାଦକ ତଥା ଦେଓଗାଁ ସରପଞ୍ଚ ନିନା ଛତ୍ରିଆ ଅତିଥି ପରିଚୟ, କୁଡୁର୍ଲା ସରପଞ୍ଚ ତେଜ ହରପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୁଟି ନେଲେ ସୁନାଗହଣା, ନଗଦ ଟଙ୍କା

## କାଉଡୋଳା ଗାଁରେ ବଡ଼ଧରଣର ଡକାୟତି

**କୋକସରା,୨୬।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଆମପାଣି ଥାନା ଅଧୀନ କାଉଡୋଳା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ଡକାୟତି ହୋଇଛି। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଯେ, ରାତି ପ୍ରାୟ ୧ଟାରେ ୪ଜଣ ଦୁର୍ବୃତ୍ତ ଘରେ ପଶି ପ୍ରଥମେ ସିସି ଟିଭି କ୍ୟାମେରା ଭାଙ୍ଗି ହାର୍ଡଡିସ୍କ ଅଚଳ କରିଥିଲେ। ପରେ ଘର ମାଲିକ ସୁରଥ ସରାବୁ (୬୫) ଓ ତାଙ୍କ ସ୍ତ୍ରୀ ରେମତି(୫୫)ଙ୍କୁ ଆକ୍ରମଣ କରି ୭୦ ହଜାର ଟଙ୍କା ଓ ୭ ଭରି ସୁନାଗହଣା ନେଇ ଫେରାର ହୋଇଛନ୍ତି। ତାଙ୍କ ଚିତ୍କାର ଶୁଣି ପରିବାର ଅନ୍ୟମାନେ ପହଞ୍ଚି ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରିଥିଲେ। କୋକସରା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ପରିବାରବର୍ଗଙ୍କଠାରୁ ଖବର ପାଇ ଆମପାଣି ପୋଲିସ ଅଧିକାରୀ ଚତୁର୍ଭୁଜ ନାଏକ ସହ ଟିମ ରାତିରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଧର୍ମଗଡ ଏସ୍‌ଡିପିଓ ଧୀରଜ କୁମାର ଚୋପଦାରଙ୍କ ନେତୃତ୍ୱରେ ଜୁନାଗଡ଼ ଆଇଆଇସି ଉତ୍ତମ କୁମାର ସାହୁ, କୋକସରା ଆଇଆଇସି ପ୍ରସନ୍ନ ବେହେରାଙ୍କ ସମେତ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ପ୍ରକ୍ରିୟା ଜୋରଦାର କରାଯାଇଛି। ତଦନ୍ତ ସମୟରେ ସିସିଟିଭି ଯନ୍ତ୍ରାଂଶ ବାଞ୍ଜିବାହଲ ଗାଁ ନିକଟ ଏକ ପଡିଆରେ ଭଙ୍ଗାରୁଜା ଅବସ୍ଥାରେ ପଡିଥିବା ପୋଲିସ ଜବତ କରିଛି। ଖୁବ୍‌ଶୀଘ୍ର ପୋଲିସ କବ୍‌ଜାରେ ଡକାୟତମାନେ ଧରାପଡିବେ ବୋଲି ଏସଡିପିଓ ଚୋପଦାର ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ. ୬୫/୨୨) ରୁଜୁ ହୋଇଥିବା ଆମପାଣି ଥାନାଧିକାରୀ ସୂଚନା ଦେଇଛନ୍ତି।


ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସାହାଯ୍ୟରେ ପୋଲିସ ତଦନ୍ତ କରୁଛି।

# ଚୋରି ମାମଲାରେ ୩ ଗିରଫ

**ଖଡ଼ିଆଳ,୨୬।୬(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଥାନାରେ ଗତ ୨୨ ତାରିଖରେ ଭୋଜପୁର ପଞ୍ଚାୟତ ଝିଟିରିଢୋଡା ଗ୍ରାମର ଏକ ଫାର୍ମହାଉସରୁ ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଶନିବାର ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୋଜପୁର ଗ୍ରାମର ଧରମ ସିଂ ପରଭୋଇ (୨୨), ଅକ୍ଷୟ ସତନାମୀ (୨୬) ଓ ବୋଡ଼େନ ବ୍ଲକ ବିନୋପୁର ଗ୍ରାମର ତୁଳସୀରାମ ଲୁହାର (୨୩)। ଭୋଜପୁର ପଞ୍ଚାୟତ ଝିଟିରିଢୋଡା ଗ୍ରାମର ତୁଳସୀ ତାଣ୍ଡିଙ୍କ ଫାର୍ମ ହାଉସରୁ ଗତ ୨୨ରେ ଜେନରେଟର ଷ୍ଟାଣ୍ଡ, ଲୁହରଡ଼, ଲୁହା ଏଙ୍ଗଲ, କୋଦଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ଫାର୍ମ ହାଉସରେ କାର୍ଯ୍ୟ କରୁଥିବା ପଦ୍ମିନୀ ତାଣ୍ଡି ଗତ ୨୪ରେ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ୩ଜଣଙ୍କୁ ଗିରଫ କରିଛି। ଉକ୍ତ ଚୋରି ସାମଗ୍ରୀ କିଣିଥିବା ଅରୁଣ ମେହେର ଓ ମନୀଷ ସିଂହଳଙ୍କ ନାମରେ ୪୧୧/୩୪ ଆଇପିସିରେ ଚାରସିଟ ହୋଇଥିବା ଥାନାଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

# କଂସ ଦରବାର ଉଦ୍‌ଯାପିତ


ଦେଓଗାଁ କଂସ ଦରବାରରେ ଅତିଥି ବୃନ୍ଦ।

**ଦେଓଗାଁ, ୨୬।୬(ଡି.ଏନ.ଏ.)**

ବଲାଙ୍ଗୀର ଦେଓଗାଁ କଲେଜ ଛକରେ ଗତ ୯ ଦିନ ଧରି ଚାଲିଥିବା କଂସ ଦରବାର ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଜବାହାର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କମିଟି ସଭାପତି ବିଶ୍ୱଜିତ ପାତ୍ର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ରାଜ ଅତିଥି ଭାବେ ବରିଷ୍ଠ କଳାକାର ରବିନ୍ଦ୍ର କୁମାର ସାହୁ, ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପ୍ରସାଦ ପାଣିଗ୍ରାହୀ, ରାମଚନ୍ଦ୍ର ଶତପଥୀ, ବଦ୍ରିନାଥ ହୋତା, ରଜନୀକାନ୍ତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଦିନ ମହାରାଜ କଂସ ଭଣଜା କୃଷ୍ଣ ବଳରାମ ବେନୀ ଭାଇଙ୍କୁ ଦେଖି ନିହତ ହୋଇଥିବା ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଜବାହାର ସାଂସ୍କୃତିକ ଯୁବକ ସଂଘ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୧୫ ଜୋନରୁ ୧୨ ଜୋନରେ ନିର୍ଦ୍ୱନ୍ଦ୍ୱରେ ସଭ୍ୟ ନିର୍ବାଚିତ

## ବେହେରା ପ୍ରାଥମିକ କୃଷି ସେବା ସମବାୟ ସମିତି

**ବେହେରା,୨୬।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ପ୍ରାଥମିକ କୃଷିସେବା ସମବାୟ ସମିତିର ୩ଟି ଜୋନର ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୫ଟି ଜୋନରୁ ୧୨ଟି ଜୋନରେ ନିର୍ଦ୍ୱନ୍ଦ୍ୱରେ ସଭ୍ୟ ନିର୍ବାଚିତ ହୋଇ ଥିବାବେଳେ ୩ଟି ଜୋନରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଫଳାଫଳ ଘୋଷଣା କରାଯାଇଛି। ଗୌର ଚନ୍ଦ୍ର ବାଗ, ଟିକମନ ଯାଦବ, ମୁକେଶ କୁମାର ଅଗ୍ରୱାଲ, ବିଳାଶ ନାଏକ, ସୀମାଞ୍ଚଳ ବାରିକ, ଡିଙ୍ଗର ବଛା, କମଲୁ ଗୋପାଲ, ବିରଞ୍ଚି ଗୋପାଲ, ଜୟଶଙ୍କର ଯୁଏଡ, ଭବେଶ ଗଇନ୍ତା, ଧବଳେଶ୍ୱର ଗୋପାଲ, ଛାୟାକାନ୍ତ ନାଏକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶ୍ରଦ୍ଧାଞ୍ଜଳି ତିୱାରୀ, ଖଗପତି ନାଏକ ଓ କ୍ଷେତ୍ରମାଝି ପ୍ରତିଦ୍ୱନ୍ଦିତା କରି ବିଜୟ ହୋଇଛନ୍ତି। ପ୍ରିଜାଇଟିଂ ଅଫିସର ଭୂପେନ୍ଦ୍ର କୁମାର ନାଏକ, ଫାଷ୍ଟପୋଲିଂ ଅଫିସର ନିରଞ୍ଜନ ବାଗ, ଥାର୍ଡ ପୋଲିଂ ଅଫିସର ତପନ ନାଏକ, ବେହେରା ପ୍ୟାକ୍ସ ଚିଫ ଏକ୍ଜେକୁଟିଭ ହେମନ୍ତ କୁମାର ନାଏକ, ବିନ୍ଦୁସାର ବିଶି ପ୍ରମୁଖ ପୋଲିଂ ପରିଚାଳନା କରିଥିବା ବେଳେ ତରେଶ ବିଶି, ଟଙ୍କ ବାଗ ସହଯୋଗ କରିଥିଲେ।


ବେହେରା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ନିର୍ବାଚନ ଚାଲିଛି।

# ବିଶ୍ୱ ନିଶା ସେବନ ନିରୋଧ ଦିବସ ପାଳିତ

**ସିନାପାଲି,୨୬।୬(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ପୋଲିସ ପକ୍ଷରୁ ବିଶ୍ୱ ନିଶା ସେବନ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସିନାପାଲି ଥାନା ପରିସରରୁ ବାହାରି ସହର ପରିକ୍ରମା କରିଥିଲେ। ନିଶା ମୁକ୍ତ କରିବାକୁ ହେଲେ ସଚେତନତା ଦ୍ୱାରା ହିଁ ସମ୍ଭବ ହେବ ବୋଲି ଉପସ୍ଥିତ ଅଧିକାରୀମାନେ ପ୍ରକାଶ କରିଛନ୍ତି। ସିନାପାଲି ଥାନା ଅଧିକାରୀ ଡମ୍ବରୁଧର ପ୍ରଧାନଙ୍କ ସମେତ ଏସଆଇ ଗୌରୀଶଙ୍କର ଦାସ, ହରେକୃଷ୍ଣ ଜାନି, ଅନିତା ଜାନି, ଏଏସଆଇ ପ୍ରଭାକର, ଧର୍ମେନ୍ଦ୍ର ମାଝିଙ୍କ ସମେତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦେଇ ଜୀବନ ବଞ୍ଚାଇଲେ ଯୁବକ

**ଲୋଇସିଂହା,୨୬।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ଭଗବାନ ପଧାନ ସ୍ୱେଚ୍ଛାକୃତ ରକ୍ତଦାନ କରି ଦୁଇଜଣଙ୍କ ଜୀବନ ବଞ୍ଚାଇଛନ୍ତି। ଲୋଇସିଂହା ବ୍ଲକ ପନେସରା ଗ୍ରାମର ସୁରଭି ପାଣ୍ଡେଙ୍କ ଗର୍ଭଯନ୍ତ୍ରଣା ପରେ ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶରୀରରେ ହିମୋଗ୍ଲୋବିନସ୍ତର କମ୍ ଥିବା ଜଣାପଡିଥିଲା। ବି ପଜିଟିଭ ରକ୍ତ ଆବଶ୍ୟକ ପଡିଥିଲା। ଭଗବାନ ରକ୍ତ ଦେବାକୁ ରାଜି ହୋଇଥିଲେ। ଏହା ପରେ ସୁରଭିଙ୍କୁ ରକ୍ତ ଦିଆଯାଇଥିଲା। ଏହାପରେ ସେ ନିରାପଦ ମାତୃତ୍ୱ ଲାଭ କରିଥିଲେ । ପ୍ରସୂତି ଓ ନବଜାତ ଶିଶୁ ଏବେ ସୁସ୍ଥ ଅଛନ୍ତି।

# ଏକକୁଣ୍ଡୀୟ ବୈଦିକ ଯଜ୍ଞ

**ଲୋଇସିଂହା,୨୬।୬(ଡି.ଏନ.ଏ)**

ଲୋଇସିଂହା ଅଗ୍ରସେନ ଭବନରେ ବଲାଙ୍ଗୀର ସାଲେପାଲି ଜାଗୃତି ସେବା ସଦନ ଆନୁକଲ୍ୟରେ ଏକ କୁଣ୍ଡୀୟ ବୈଦିକ ଯଜ୍ଞ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆପଡା ହରିପୁର ଗୁରୁକୂଳ ସଞ୍ଚାଳକ ଡ.ସୁଦର୍ଶନ ଦେବଆଚାର୍ଯ୍ୟ ପ୍ରବଚକଭାବେ ଯୋଗଦେଇ ହୋମଯଜ୍ଞ ଆହୂତ କରିଥିଲେ। ଯଜ୍ଞ ଦ୍ୱାରା ଅଜ୍ଞାନ ଓ ଅନ୍ଧ ବିଶ୍ୱାସ ଦୂରୀକରଣ ହୋଇଥାଏ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଯଜ୍ଞରେ ରଞ୍ଜନ ପଣ୍ଡା ଏବଂ ହୃଷିକେଶ ବେହେରା ସସ୍ତ୍ରୀକ ଯଜ୍ଞକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଆଶିଷ ଶାସ୍ତ୍ରୀ, ବିଶମ୍ଭର ଆର୍ଯ୍ୟ, ପ୍ରଚାରକ ସାଏବ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜାଗୃତି ସେବା ସଦନ ସମ୍ପାଦିକା ଆହ୍ଲାଦିନୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞକୁ ରୀନା ଥପା, ଜ୍ୟୋସ୍ନା ହାତୀ, ମମତା ବିଶ୍ୱାଳ ପ୍ରମୁଖ ସଫଳ ସମାପନରେ ସହଯୋଗ କରିଥିଲେ।


ଅଗ୍ରସେନ ଭବନରେ ଅନୁଷ୍ଠିତ ବୈଦିକ ଯଜ୍ଞ।

# ଅଢ଼େଇ ମାସ ହେଲା ବିଏସ୍‌ଏନ୍‌ଏଲ୍ ସେବା ଫେଲ୍

- ବିଜୁଳି କଟିଲେ ନେଟୱର୍କ ଫେଲ୍
- ଦିନକୁ ୫ରୁ ୬ ଘଣ୍ଟା ହିଁ ରହୁଛି ନେଟୱର୍କ

**ଲାଞ୍ଜିଗଡ,୨୬।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଏବଂ ଏହାର ଆଖପାଖ ଅଞ୍ଚଳରେ ଅଢେଇ ମାସ ହେଲା ବିଏସ୍‌ଏନ୍‌ଏଲ୍ (ଭାରତ ସଞ୍ଚାର ନିଗମ ଲିମିଟେଡ଼) ସେବା ଫେଲ୍ ମାରିଛି। ଲାଞ୍ଜିଗଡ ଅଞ୍ଚଳବାସୀ ଏହାକୁ ନେଇ ଆନ୍ଦୋଳନ ପାଇଁ ସଜବାଜ ହେବାକୁ ବସିଲେଣି। ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡାଇ ଦିଆ ଯାଇ ନ ପାରେ। ସେଥିପାଇଁ ଯଥାଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକତା ରହିଛି। ବିଶେଷ କରି ଗ୍ରାମାଞ୍ଚଳରେ ବିଏସ୍‌ଏନ୍‌ଏଲ୍ ବହୁଳ ବ୍ୟବହାର ହୋଇଥାଏ। ଏପରି କି ଅଫିସ ଗୁଡ଼ିକରେ ମଧ୍ୟ ଅଧିକ ବିଏସ୍‌ଏନ୍‌ଏଲ୍ ନେଟ ବ୍ୟବହାର ହୋଇଥାଏ। ହେଲେ ବର୍ତ୍ତମାନ ଗ୍ରାମାଞ୍ଚଳରେ ଲୋକଙ୍କ ଆସ୍ଥା ହରାଉଛି ଏହି କମ୍ପାନୀ। ଲୋକଙ୍କୁ ଠିକ ସେବା ଯୋଗାଇ ପାରୁନାହିଁ। ଅଧିକାଂଶ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟରେ ବିଏସ୍‌ଏନ୍‌ଏଲ୍ ନମ୍ବର ଜଡିତ ଥିବାରୁ ସେମାନେ ଓଟିପି ନ ଆସିଲେ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି । କେତେବେଳେ ନେଟୱର୍କ ରହୁଛି ତ କେତେବେଳେ ରହୁନାହିଁ। ଦିନକୁ ୫ ରୁ ୬ ଘଣ୍ଟା ନେଟୱର୍କ ରହୁଛି ଏବଂ ଅନ୍ୟ ସମୟରେ ଉଭାନ ହେଇଯାଉଛି। ବିଜୁଳି କଟିଲେ ନେଟୱର୍କ ଫେଲ ହେଇଯାଉଛି। ଏଥିପ୍ରତି ଅଧିକାରୀଙ୍କ କୌଣସି ଦୃଷ୍ଟି ନାହିଁ। ଉପରିସ୍ଥ ଅଧିକାରୀଙ୍କୁ ପଚାରିଲେ ଆମ୍ବଦୋଳାରେ ଜେନେରେଟର ଠିକ ନାହିଁ, ତେଣୁ ଅସୁବିଧା ହେଉଛି ଏବଂ ଅତିଶୀଘ୍ର ଏହା ଠିକ ହୋଇଯିବ ବୋଲି ଉତ୍ତର ମିଳୁଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ସ୍ଥାନରେ ଟାୱାର ସ୍ଥାପନ କରିଛନ୍ତି। ହେଲେ ସରକାରୀ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ତାହା ବାଟବଣା ହେବାରେ ଲାଗିଛି। ଲାଞ୍ଜିଗଡ ସହରରେ ଲୋକେ ଅଧିକ ମାତ୍ରାରେ ଏହି ସିମ କାର୍ଡ ବ୍ୟବହାର କରୁଛନ୍ତି। ସେବା ନ ମିଳିବାରୁ ଶେଷରେ ସିମ ବଦଳାଉଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲାଞ୍ଜିଗଡ ବ୍ଲକର ବିଶ୍ୱନାଥପୁର, ଦୁର୍ଗମ ଏବଂ ଘାଟି ଅଞ୍ଚଳ ମୁଷନାଳ ଓ ବିଜେପୁରଠାରେ ମଧ୍ୟ ବିଏସ୍‌ଏନ୍‌ଏଲ୍ ଟାୱାର ସ୍ଥାପନ କରାଯାଇଛି। ହେଲେ ତାହା ନାମକୁ ମାତ୍ର ୪-ଜି ନେଟ କେଥା କୁହାଯାଉଛି, ହେଲେ କିଛି କାମ କରୁନାହିଁ। କାମ ଥିଲେ ଲୋକେ ହାତିଶାଳ ଘାଟିକୁ ଆସି ନିଜ କାମ କରୁଥିବା ଦେଖିବାକୁ ମିଳୁଛି। ନେଟୱର୍କ ନ ଥିଲେ ଦୁର୍ଗମ ଅଞ୍ଚଳରେ ରୋଗୀ ସେବା ପାଇଁ ଆମ୍ବୁଲାନ୍ସ ଦରକାର ପଡିଲେ ବହୁତ ଅସୁବିଧା ଭୋଗୁଛନ୍ତି ।



### ପ୍ରାଥମିକ ଚିକିତ୍ସା ତାଲିମ ଶିବିର

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କରକଟିଆ ଛକରେ ମା ଛେଲିଆପାଟ ସେବା ସଂଗଠନ ପକ୍ଷରୁ ପ୍ରାଥମିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜୟ କଲେତ, ନରେଶ ସାହୁ, ଅନ୍ତର୍ଯ୍ୟାମୀ ଭୋଇ ଓ ମୁକୁନ୍ଦ ଭୋଇ ଅତିଥିଭାବେ ଯୋଗଦେଇଥିଲେ । ଫାର୍ମାସିଷ୍ଟ ବିଚିତ୍ରାନନ୍ଦ ପାତ୍ର ଓ ଅବସରପ୍ରାପ୍ତ ସୈନିକ ଅଶୋକ କଲେତ ଦୁର୍ଘଟଣା କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ଅସୁସ୍ଥତା ପାଇଁ ପ୍ରାଥମିକ ଚିକିତ୍ସା ଉପରେ ତାଲିମ ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର

ବୌଦ୍ଧ,୨୬।୬(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗା ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ କଟକ, ଭୁବନେଶ୍ୱର, ବୁର୍ଲା ମେଡିକାଲ କଲେଜ ଓ ସମ୍ ମେଡିକାଲର ବିଶେଷଜ୍ଞ ଡାକ୍ତରମାନେ ଯୋଗ ଦେଇଥିଲେ। ବିଭିନ୍ନ ରୋଗର ପରୀକ୍ଷା ଉନ୍ନତମାନର ମେଶିନ ଦ୍ୱାରା କରାଯାଇଥିଲା। ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଅମାତ ଚାରିଟେବୁଲ ଟ୍ରଷ୍ଟର ସେବା ମନୋବୃତ୍ତିକୁ ପ୍ରଶଂସା କରିଥିଲେ। ଶିବିରରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭୟ କୁମାର ଦାସ , ଏଡିଏମଓ ଡ. କିଶୋରଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ । ଅଞ୍ଚଳର ୮ଶହରୁ ଅଧିକ ବରିଷ୍ଠ ନାଗରିକ ଓ କିଡ୍‌ନୀ ରୋଗୀ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।

### ବିବାଦ ତୁଟିଲା, ନିର୍ମାଣ ହେବ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ

ଲାଠୋର,୨୬।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣକୁ ନେଇ ଗତ ୨ବର୍ଷ ହେଲା ବିବାଦ ଲାଗି ରହିଥିଲା। ରବିବାର ବିବାଦର ଅନ୍ତ ଘଟିଛି। ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ନିଷ୍ପତ୍ତି ଗ୍ରହଣ କରିଥିବା ନେଇ ୱାର୍ଡ଼ସଭ୍ୟ ସୂଚନା ଦେଇଛନ୍ତି। ଏଠାରେ ରହିଥିବା ଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବା ହେତୁ ଦୁଇବର୍ଷ ତଳେ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଘୋଷଣା କରାଯାଇଥିଲା। ଫଳରେ ପିଲାଙ୍କ ପ୍ରି-ସ୍କୁଲ କାର୍ଯ୍ୟକ୍ରମ ପ୍ରଭାବିତ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ସେଠାରେ ଏକ ନୂତନ ଗୃହ ନିର୍ମାଣ ପାଇଁ ପ୍ରଶାସନ ବାରମ୍ବାର ଚେଷ୍ଟା କରିଥିଲେ ସୁଦ୍ଧା ସରକାରୀ ଜମିର ଅଭାବ ହେତୁ ଗୃହ ନିର୍ମାଣ ହୋଇପାରୁ ନଥିଲା। କେନ୍ଦ୍ରକୁ ଲାଗି ଯେଉଁ ସରକାରୀ ଜମି ରହିଥିଲା ତାହାକୁ ଗ୍ରାମର ଜଣେ ବ୍ୟକ୍ତି ଦଖଲ କରି ରଖିଲେ। ରବିବାର ୱାର୍ଡ଼ସଭ୍ୟ ସସ୍ମିତା କୁଅଁରଙ୍କ ଅଧ୍ୟକ୍ଷତାରେ ଗାଁରେ ଏକ ବୈଠକ ବସିଥିଲା। ବୈଠକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଲାଠୋର କ୍ଷେତ୍ର ପରିଦର୍ଶିକା ଅଞ୍ଜଳି ମିଶ୍ର, ଅଙ୍ଗନୱାଡ଼ି କର୍ମୀ ସନ୍ଧ୍ୟାରାଣୀ ଗିରି, ଯାଞ୍ଚ କମିଟି କର୍ମକର୍ତ୍ତା, ମାତୃ କମିଟି ସଦସ୍ୟା, ବିଭିନ୍ନ ଏସ୍‌ଏଚ୍‌ଜି ସଦସ୍ୟା ତଥା ଗ୍ରାମର ଯୁବକ ଅଶୋକ କୁମୁରା, ସୁରେଶ କୁମୁରା, ଶିବଚରଣ ସୂର୍ଯ୍ୟ ଉପସ୍ଥିତ ଥିଲେ। ଉପସ୍ଥିତ ଗ୍ରାମବାସୀଙ୍କ ସହମତିକ୍ରମେ ଜଳଯୋଗାଣ ପମ୍ପ ହାଉସ୍ ନିକଟରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ କରିବା ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମବାସୀଙ୍କ ଦସ୍ତଖତ ଥିବା ଏକ ରେଜୁଲେସନ ପ୍ରସ୍ତୁତ କରି ଖପ୍ରାଖୋଲ ସିଡ଼ିପିଓଙ୍କୁ ପ୍ରଦାନ କରାଯାଇଛି।

# ୧୧ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ

ବିନିକା,୨୬।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ ୧୧ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ଅଧାପନ୍ତରିଆ ରହିଛି। ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ ଯୋଜନାରେ ୭ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର ହୋଇଥିଲା। ଇତ୍ୟବସରରେ ୫ବର୍ଷ ବିତି ଯାଇଥିଲେ ବି କାମ ସରି ନ ଥିବାରୁ ଉକ୍ତ ୧୧ ଅଙ୍ଗନୱାଡି କେନ୍ଦ୍ରରେ ଥିବା ୧୬୦ରୁ ଊର୍ଦ୍ଧ୍ୱ ପିଲା ହଟହଟାର ସମ୍ମୁଖୀନ ହେଉଛନ୍ତି। କର୍ମୀମାନେ ନାନା ଅବ୍ୟବସ୍ଥା ମଧ୍ୟରେ କେନ୍ଦ୍ରକୁ ଚଳାଉଛନ୍ତି।

୨୦୧୬-୧୭ ଆର୍ଥିକ ବର୍ଷରେ ଶଙ୍କରା ପଞ୍ଚାୟତ ଅନ୍ତର୍ଗତ କର୍ଣ୍ଣଗୋଠ ଅଙ୍ଗନୱାଡି କେନ୍ଦ୍ର, ସର୍ଗୁଣା ଅଙ୍ଗନବାଡି କେନ୍ଦ୍ର-୧ ଏବଂ ୨, ଅରିଗାଁ ଅଙ୍ଗନୱାଡି କେନ୍ଦ୍ର-୧, ଫିଙ୍ଗିଟିକ୍ରା ଅଙ୍ଗନୱାଡି କେନ୍ଦ୍ର, ହୁଡୁମା ଅଙ୍ଗନୱାଡି କେନ୍ଦ୍ର-୨, ଗଣେଶପୁର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ଗୋଟିଏ ବି କେନ୍ଦ୍ର ସମନ୍ୱିତ ଶିଶୁ ବିକାଶ ବିଭାଗକୁ ହସ୍ତାନ୍ତର ହୋଇନି। ସେହିଭଳି ଆର୍ଥିକ ବର୍ଷ ୨୦୧୭-୧୮ରେ ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅଧୀନ ପଧାନଟିକ୍ରା, ସିନ୍ଧୁରପୁର ପଞ୍ଚାୟତର ସାଲମାଟିକ୍ରା ଓ ବିନିକା ଏନ୍‌ଏସି ଅଧିନ ବେତ୍ରାପଡା ଅଙ୍ଗନୱାଡି



ଅସମ୍ପୂର୍ଣ୍ଣ ସାଲମାଟିକ୍ରା ଅଙ୍ଗନୱାଡି କେନ୍ଦ୍ର ଆଗରେ ଶିଶୁ ଓ ମା' ମାନେ।

କେନ୍ଦ୍ରର ନିର୍ମାଣ କାମ ଅସମ୍ପୂର୍ଣ୍ଣ ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଏନ୍‌ଏସି ଅଧୀନ ନୂଆଁପାଲି ଅଙ୍ଗନୱାଡି କେନ୍ଦ୍ର ସରି ପାରିନାହିଁ। ଅଧିକାଂଶ କେନ୍ଦ୍ରର ଛାତ ପଡିଥିବା ବେଳେ ଅନ୍ୟାନ୍ୟ ଆନୁସଙ୍ଗିକ କାମ ଶେଷ ହୋଇନାହିଁ। ଗତ ଜୁନ ୧୩ତାରିଖରେ ରାଜେନ୍ଦ୍ର ସାଲମା ବିନିକା ବ୍ଲକ ସଭାଗୃହରେ ଆୟୋଜିତ ଜନଶୁଣାଣି ଶିବିରରେ ଜିଲାପାଳ ଆବୋଲୀ ସୁନୀଲ ନରୱଣେଙ୍କୁ ସାଲମାଟିକ୍ରା ଅଙ୍ଗନୱାଡି

**ବିନିକା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ**

■ ଜିଲାପାଳଙ୍କ ତାଗିଦା ପରେ ଆଗଉନି କାମ

କେନ୍ଦ୍ର ନିର୍ମାଣ କାମ ୪ ବର୍ଷ ହେଲା ସରି ପାରୁ ନ ଥିବା ନେଇ ଅଭିଯୋଗ କରିଥିଲେ । ସପ୍ତାହକ ମଧ୍ୟରେ ନିର୍ମାଣ କାମ ସାରି କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ବିନିକା ବିଡିଓ ବ୍ୟାସଦେବ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଜିଲାପାଳଙ୍କ ନିର୍ଦ୍ଦେଶ ଅଦ୍ୟାବଧି ପାଳନ କରାଯାଇନାହିଁ। ତୁରନ୍ତ ବ୍ଲକ ଅଧିନ ୯ ଓ ଏନ୍‌ଏସି ଅଧୀନ ୨ଟି ଅଙ୍ଗନୱାଡି କେନ୍ଦ୍ର କାମ ସାରି କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ବିନିକା ସମନ୍ୱିତ ଶିଶୁବିଭାଗ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କୁ ପଚାରିବାରୁ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟର ତଦାରଖ କରୁଛି ବ୍ଲକ ପ୍ରଶାସନ । ଯଥାଶୀଘ୍ର କାମ ସାରିବାକୁ ବ୍ଲକ ପ୍ରଶାସନକୁ ଆମ ବିଭାଗ ପକ୍ଷରୁ ବାରମ୍ବାର ସୂଚିତ କରାଯାଉଛି। କେନ୍ଦ୍ର ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ଅବହେଳା ଯୋଗୁ କାମ ସରିପାରୁନାହିଁ ବୋଲି ସେ କହିଛନ୍ତି।

# ୮ ଅଭିଯୁକ୍ତ କୋର୍ଟ ଚାଲାଣ

କନ୍ଧମାଳ,୨୬।୬(ଡି.ଏନ.ଏ.)

**ସମବାୟ ସମିତି ନିର୍ବାଚନ ନେଇ ହିଂସା**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ମନମୁଣ୍ଡା ଥାନା ବିଳାଶପୁରରେ ସମବାୟ ସମିତି ନିର୍ବାଚନକୁ ନେଇ ଶନିବାର ରାତିରେ ପ୍ରାକ୍ ନିର୍ବାଚନୀ ହିଂସା ହୋଇଯାଇଛି। ଏହି ଘଟଣାରେ ୮ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତମାନେ ବିଳାଶପୁର ଗ୍ରାମର ବିକାଶ ସାହୁ, ପ୍ରଦ୍ୟୁମ୍ନ ସାହୁ, କୁନାଲ ସାହୁ, ବିଜନ ସାହୁ, ଅମୂଲ୍ୟ ରଞ୍ଜନ କ୍ଷେତି, ଟଙ୍କଧର କ୍ଷେତି, ଟିଲାଟିଙ୍ଗା ଗ୍ରାମର ପୁରୋହିତ ସୁନା, ପଦରପଡା ଗ୍ରାମର ମେଘନାଦ ସାହୁ ବୋଲି ଆଇଆଇସି ଗୋପୀନାଥ ପ୍ରଧାନଙ୍କ ଠାରୁ ଜାଣିବାକୁ ମିଳିଛି। ଏହି ମାମଲାରେ ଆହୁରି ଅନେକ ଅଭିଯୁକ୍ତ ସମ୍ପୃକ୍ତ ଥିବା ବେଳେ ସେମାନେ ଫେରାର ଥିବା ଜାଣିବାକୁ ମିଳିଛି। ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି। କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ଏବଂ ସେମାନଙ୍କ ସମର୍ଥକ ଅପରଗୋଷ୍ଠୀକୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ୪ଜଣ ଆହତ ହୋଇଥିଲା ବେଳେ ଜଣେ ମହିଳାଙ୍କୁ ଟଣାଓଟରା କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନ ସମୟରେ ବିଳାଶପୁର ପଞ୍ଚାୟତରେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସା ଦେଖାଦେଇଥିଲା।

# କ୍ଲଷ୍ଟରସ୍ତରୀୟ ମିଳିତ ଶିକ୍ଷକ ସମାବେଶ


ସମାବେଶରେ ଶିକ୍ଷୟିତ୍ରୀ ଶିକ୍ଷକ ।

ବୌଦ୍ଧ,୨୬।୬(ସ୍ୱ.ପ୍ର.)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡା,ବିଜାପଦର ଓ ଟିକରପଡା କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ସରକାରୀ ଉଚ୍ଚ ବିଦ୍ୟାଳୟ ମେଣ୍ଢିମାଳଠାରେ ମିଳିତ ଶିକ୍ଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା ଯୋଗଦେଇ ଗୁଣାତ୍ମକ ଶିକ୍ଷା, ପ୍ରତି ଶ୍ରେଣୀରେ ସମୟ ସାରଣୀ ରଖାଯିବା, ଲେସନ ନୋଟ ଲେଖିବା, ଶିକ୍ଷାରେ ସଂସ୍କାର, ପ୍ରତିମାସରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକ କରାଯିବା ନେଇ ଅଲୋଚନା କରିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା ୟୁଡାଏସ ପ୍ଲସ ଓ ନଥିପତ୍ର ଲିଖନ ଉପରେ ଆଲୋଚନା କରିଥିଲେ। ସିଆରସିସି ରାଜକୁମାର ପ୍ରଧାନ ମୋ ସ୍କୁଲ ଅଭିଯାନ ଆର୍ଥିକ ଖର୍ଚ୍ଚ ବିବରଣୀ ଉପରେ ଆଲୋଚନା କରିଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଖିଳ କୁମାର ପ୍ରଧାନ ମଧ୍ୟାହ୍ନ ଭୋଜନ ତଥ୍ୟ ଉପସ୍ଥାପନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାହୁ ଗୁଣାତ୍ମକ ଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ବଘିଆପଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଲେଇସିଂର ପ୍ରଧାନ ଶିକ୍ଷୟିତ୍ରୀ ଅନିମା ମହାକୁଲ, ଆମଠାପଡାର ମନୋରଞ୍ଜନ ପାଣିଗ୍ରାହୀ, ମଲିକପଡାର ସ୍ୱାଧୀନ କୁମାର ପ୍ରଧାନ, ବିରିଗଡର ସତ୍ୟବାଦୀ ନାୟକ, କୁରକୁଚର ଆଶ୍ରୟ ଦାଶ, ନେନ୍ଦେନର ଶୁଶାନ୍ତ କୁମାର ଅମାତ,ସାନଗୋଛାପଡାର ରମାକାନ୍ତ ଦଳେଇ ଓ ବ୍ରାହ୍ମଣିପାଲିର ଅଭିମନ୍ୟୁ ଯାନୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସିଆରସିସି ବିଜୟ କୁମାର ଭୋଇ, ପୂର୍ଣ୍ଣଚନ୍ଦ୍ର କରଡିଆ ଓ ରବିନ୍ଦ୍ର କୁମାର ଦେହୁରୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ତିନି କ୍ଲଷ୍ଟରର ୧୧୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ଅଜୟ କୁମାର ସାହାଣି ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଜନୀତି ବିଜ୍ଞାନ ଅନର୍ସ ଦଳ ଚାମ୍ପିୟନ


ଖେଳାଳିମାନଙ୍କ ସହ ଅତିଥିମାନେ।

ତରଭା,୨୬।୬(ଡି.ଏନ.ଏ.)

**ତରଭା ଏଇଏସ କଲେଜରେ କ୍ରିକେଟ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜରେ ଚାଲିଥିବା ଦୁଇଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଓଡ଼ିଆ ଅନର୍ସ ଦଳକୁ ୨୯ରନରେ ପରାସ୍ତ କରି ରାଜନୀତି ବିଜ୍ଞାନ ଅନର୍ସ ଦଳ ଚାମ୍ପିୟନ ହୋଇଛି। ରାଜନୀତି ବିଜ୍ଞାନ ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ଉଇକେଟ ବିନିମୟରେ ୯୪ରନ ସଂଗ୍ରହ କରିଥିଲା। ଜବାବରେ ଓଡ଼ିଆ ଅନର୍ସ ଦଳ ୮ଓଭରରେ ୬ ଉଇକେଟ ବିନିମୟରେ ୬୫ ରନ କାରିବାକୁ ସକ୍ଷମ ହୋଇଥିଲା। ଅଧ୍ୟକ୍ଷା ମିନତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ମିଶ୍ର, ଅଧ୍ୟାପିକା ଡ଼ ସବିତା ମିଶ୍ର, ଅଧ୍ୟାପକ ନିରଞ୍ଜନ ପୁରୋହିତ ଏବଂ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ସର୍ବାଧିକ ରନ କରିଥିବା ରାଜନୀତି ବିଜ୍ଞାନର ଚନ୍ଦନ ମିଶ୍ର ଓ ସର୍ବାଧିକ ଉଇକେଟ ନେଇଥିବା ଛାତ୍ର ଲକ୍ଷ୍ମଣ ଛତ୍ରିଆଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଲେଜ ଅଧ୍ୟାପକ ଓ ଅଣଶିକ୍ଷକ ଓ ରାଜନୀତି ବିଜ୍ଞାନ ଦଳଙ୍କ ମଧ୍ୟରେ ଆୟୋଜିତ ଏକ ପ୍ରଦର୍ଶନୀ ମ୍ୟାଚରେ ରାଜନୀତି ବିଜ୍ଞାନ ଦଳ ୪ଉଇକେଟରେ ବିଜୟୀ ହୋଇଥିଲା। ମ୍ୟାଚ ହାରିଥିଲେ ହେଁ ଅଧ୍ୟାପକ ଓ ଅଣଶିକ୍ଷକ ଦଳର ସର୍ବାଧିକ ରନ କରିଥିବା ଅଧ୍ୟାପକ ବିଶପତି ଦାନୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା।

ବାଳକ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଅଧ୍ୟକ୍ଷା ମିନତୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟରେ ଓଡ଼ିଆ, ଏଜୁକେସନ, ରାଜନୀତି ବିଜ୍ଞାନ, ଇତିହାସ ବିଭାଗ ଅନର୍ସ, ଯୁକ୍ତ୨ ଦଳ ଓ କଲେଜ ଅଧ୍ୟାପକ ଓ ଅଣଶିକ୍ଷକ ଏଭଳି ୬ଟି ଦଳ ଯୋଗ ଦେଇଥିଲେ। ଖେଳକୁଦ ବିଭାଗ ଦାୟିତ୍ୱରେ ଥିବା ଅଧ୍ୟାପିକା ଡ଼ ସରୋଜିନୀ ପ୍ରଧାନ ଓ ଅଧ୍ୟାପକ ଦେବାଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ କ୍ରୀଡା ଶିକ୍ଷକ ସଞ୍ଜୀବ ସାହୁ, ବରିଷ୍ଠ କ୍ରିକେଟ ଖେଳାଳି ନବାବ ଖାଁ, ଇଶାକ ମହମ୍ମଦ, ନୌଶାଦ ମହମ୍ମଦ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ।

### ସୋନପୁର ସରକାରୀ ପଲିଟେକ୍‌ନିକ୍‌ର ବାର୍ଷିକୋତ୍ସବ

ସୋନପୁର,୨୬।୬(ନି.ପ୍ର.)

ସୋନପୁର ସରକାରୀ ପଲିଟେକ୍‌ନିକ୍‌ର ବାର୍ଷିକୋତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗୌରହରି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କୁ ଶୃଙ୍ଖଳିତ ଓ ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ବଳଭଦ୍ର ନାଏକ ଯୋଗଦାନ କରି ନିଷ୍ଠା ଓ ଏକାଗ୍ରତା ରହିଲେ ସଫଳତା ମିଳିବ ବୋଲି କହିଥିଲେ। ଅଧ୍ୟକ୍ଷ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପଦ୍ମଲୋଚନ ବେହେରା ସ୍ୱାଗତ ଭାଷଣ ଓ ଅନୁଷ୍ଠାନର ସାଂସ୍କୃତିକ ଅଧିକାରୀ କିରଣ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଦେବାଶିଷ ଲେଙ୍କା, ଦୀପକ ବଆର୍ଦ୍ଦୀ, ବିକାଶ ନାୟକ ଓ ଟିଲୁ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ସେବା ସପ୍ତାହ ପାଳିତ

ଜାମଟିକ୍ରା,୨୬।୬(ଡି.ଏନ.ଏ.)

ଅତାବିରା ବ୍ଲକ ଅଧୀନ ଗୌରଟିକ୍ରା ଅନାଥ ଆଶ୍ରମଠାରେ ବଜରଙ୍ଗ ଦଳ ଅତାବିରା ଓ ଗୋଡଭଗା ପ୍ରଖଣ୍ଡ ତରଫରୁ ରବିବାର ସେବା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଅନାଥ ଆଶ୍ରମର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ, ଖାତା, କଲମ ବଣ୍ଟନ କରାଯାଇଥିଲା। ଜିଲା ସହ ସଂଯୋଜକ ପରମେଶ୍ୱର ପଟେଲଙ୍କ ନେତୃତ୍ୱରେ ପ୍ରାନ୍ତ ସୁରକ୍ଷା ପ୍ରମୁଖ ଅଶ୍ୱିନୀ ମେହେର, ପ୍ରାନ୍ତ ସହ ସଂଯୋଜକ କୁନୁ ମହାନ୍ତି, ଜିଲା ସଂଯୋଜକ ସଞ୍ଜୀବ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ଭୋଇ, ପ୍ରଭାସ ମଲ୍ଲିକ, ପ୍ରଦୀପ ସିଂହ, ଜଗ କେତକୀ, ଗୋପୀ ମହାନନ୍ଦ, ପ୍ରେମରାଜ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।

# ସମ୍ବଲପୁରୀ ଦିନ୍ ପାଳନ ପ୍ରସ୍ତୁତି ବୈଠକ

ପାଇକମାଳ,୨୬।୬(ଡି.ଏନ.ଏ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ପାଇକମାଳର ଶ୍ରୀ ନୃସିଂହନାଥ ପୀଠରେ ରବିବାର ଆଖଣ୍ଡଳ ଦାଶଙ୍କ ସଭାପତିତ୍ୱରେ ସମ୍ବଲପୁରୀ ଦିନ୍ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିରଜିନା ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତି ସମଲପୁରୀ ଦିନ୍ କିପରି ଆଡମ୍ବର ସହକାରେ ନୃସିଂହନାଥ ପୀଠରେ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଉକ୍ତ ଦିନ ୨ଶହ କବି ଓ କଳାକାରଙ୍କୁ ସମ୍ମାନିତ କରିବା ନେଇ ସେ ପ୍ରକାଶ କରିଥିଲେ। ଅଗଷ୍ଟ ୧ ସମଲପୁରୀ ଦିନ୍ ପାଳନ କାର୍ଯ୍ୟକ୍ରମରେ ମୁରିବାହାଲ କଲେଜ ଅଧ୍ୟାପକ ଦିଲୀପ ପଶାୟତ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିବେ ବୋଲି ଆଲୋଚନା କରାଯାଇଥିଲା। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ କାର୍ଯ୍ୟକ୍ରମ ପ୍ରଯୋଜନା କରିବ ବୋଲି ଯୁବ ପରିଷଦ ଆବାହକ ଦୁର୍ଯ୍ୟୋଧନ ପୁଟା ପ୍ରକାଶ କରିଥିଲେ। ଏହିଦିନ ନୃତ୍ୟ, ଗୀତ ଓ ନାଟକ ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରୀ କବିତା ପାଠୋତ୍ସବ ହେବ। ବୈଠକରେ ନରୋତ୍ତମ ଦାଶ, ପ୍ରେମ ସାଗର ଫୌଜଦାର, ରାଜେନ୍ଦ୍ର ସେଠ, ବିଶ୍ୱନାଥ ସେଠ, ଆରଦ୍ରା ବାଗ, ଲଳିତ ଜଗତ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ନରୋତ୍ତମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅନୁଷ୍ଠାନର କର୍ମକର୍ତ୍ତା।

# ସାମୂହିକ ଉଦ୍ୟମ ନିଶାଦ୍ରବ୍ୟର କୁଅଭ୍ୟାସକୁ ରୋକିବ

ସୋନପୁର, ୨୬।୬(ନି. ପ୍ର.)

ସୁବର୍ଣ୍ଣପୁର ସାମାଜିକ ସୁରକ୍ଷା ବିଭାଗ, ଭିନ୍ନକ୍ଷମ ସଶକ୍ତିକରଣ ଓ ଅବକାରୀ ବିଭାଗ ଆନୁକୂଲ୍ୟରେ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟର ବ୍ୟବହାର ଓ ଅବୈଧ ତସ୍କରୀର ନିରାକରଣ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ଜିଲାସ୍ତରୀୟ ସଚେତନତା ସଭାରେ ଏସ୍‌ପି ଅମରେଶ ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ନିଶାଦ୍ରବ୍ୟର ଅଭ୍ୟାସ ଓ ଅବୈଧ ତସ୍କରୀକୁ ରୋକିବା ନିମନ୍ତେ ସବୁସ୍ତରରେ ଉଦ୍ୟମ ରହିବା ଆବଶ୍ୟକ ବୋଲି କହିଥିଲେ। ପିଡି ଡିଆରଡିଏ ନିହାର ରଞ୍ଜନ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ମାନବସମାଜ ଓ ବ୍ୟକ୍ତି ଜୀବନରେ ନିଶାଦ୍ରବ୍ୟର ପ୍ରଭାବ ଉପରେ ମତ ରଖିଥିଲେ। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଶିକ୍ଷା କ୍ଷେତ୍ରରେ ନିଶାର ପ୍ରାଦୁର୍ଭାବକୁ ରୋକିବା ନିମନ୍ତେ ନିଆଯାଉଥିବା ବିଭିନ୍ନ ସଚେତନତା ଧର୍ମୀ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇ, ସାମାଜିକ କର୍ମୀ ଅନଙ୍ଗ ନେଗୀ, ସାମାଜିକ, ଅର୍ଥ ନୈତିକ ଓ ମାନସିକସ୍ତରରେ ନିଶା ବ୍ୟବହାରର ଅପକାରିତା ବିଷୟରେ ମତ ରଖିଥିଲେ। ସାମାଜିକ କର୍ମୀ ରାଜୀବ ଲୋଚନ ନାୟକ, ବ୍ରହ୍ମ କୁମାରୀ ନମିତା ନିଶା ସେବନର ମାନବ ଜୀବନରେ କୁପ୍ରଭାବ ଓ ଏହାର ନିବାରଣରେ ଆଧ୍ୟାତ୍ମିକ ଚିନ୍ତନର ଉପଯୋଗୀତା ଉପରେ ବୁଝାଇଥିଲେ। ନିଶା ସେବନ ଦ୍ୱାରା ମାନବ ଜୀବନରେ ତାର କୁପରିଣତି ସମ୍ପର୍କରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସ୍ୱାଗତ ଭାଷଣ, ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ନିଶା ସେବନ ଦ୍ୱାରା କବଳିତ ହୋଇ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ନିଜକୁ ନିଶାମୁକ୍ତ କରି ପାରିଥିବା ଜିଲାର କେତେକ ବ୍ୟକ୍ତି ନିଜ ଅତୀତ ଜୀବନର ଅନୁଭୂତି ବଖାଣିଥିଲେ । ସକାଳେ ପୁରୁଣା ଟାଉନ ହଲଠାରେ ପିଡି ଡିଆରଡିଏ କହଁର ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଏକ ସଚେତନତା ରାଲି ଓ ନିଶା ନିବାରଣ ସଚେତନତା ରଥର ଶୁଭାରମ୍ଭ କରିଥିଲେ।



ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।